ସାପ୍ତାହିକ
Postal Regd. No.: SBP/14/2025-2027

# ସ୍ୱୀକାର

The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94

Vol.29 | Issue - 23 | 8 - 14 June 2025 | Sambalpur | Pages- 8 | Invitation Price Rs.10


## ବିଶ୍ୱ ବିପର୍ଯ୍ୟୟ ପ୍ରଶମନ ଏବଂ ଜନସ୍ୱାସ୍ଥ୍ୟ ପାଇଁ ଭାରତ ପ୍ରତିବଦ୍ଧ : ପି.କେ ମିଶ୍ର



ନୂଆଦିଲ୍ଲୀ: ବିକାଶର ଆବଶ୍ୟକତା ସହିତ ଆର୍ଥିକ ସାମର୍ଥ୍ୟର ଲାଭ ଉଠାଇ ବୈଶ୍ୱିକ ବିପର୍ଯ୍ୟୟ ବିପଦ ହ୍ରାସ ପ୍ରୟାସକୁ ଆଗେଇ ନେବାରେ ଜି-୨୦ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ.ମିଶ୍ର ଗୁରୁତ୍ୱାରୋପ କରିଛନ୍ତି । ଜେନେଭା ଠାରେ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ବୈଶ୍ୱିକ ମଞ୍ଚ (ଜିପିଡିଆରଆର) ୨୦୨୫ ଅବସରରେ ଜି-୨୦ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) ସଦସ୍ୟ ଭାବେ ଏୟୁ କମିଶନର ଶ୍ରୀ ମୋସେସ ଭିଲାକାଟି ଏବଂ ଫ୍ରାନ୍ସର ଓଏନ୍ୟୁ ଜେନେଭାର ସିଡିଆରଆଇ ସହ- ଅଧକ୍ଷ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ୱାଗତ କରିଥିଲେ । ଏହି ମାଇଲଖୁଣ୍ଟ ୨୦୨୩ରେ ଭାରତର ଅଧକ୍ଷତା ସମୟରେ ସ୍ଥାୟୀ ଜି-୨୦ ସଦସ୍ୟ ଭାବରେ ଏୟୁର ଐତିହାସିକ ଅନ୍ତର୍ଭୁକ୍ତିକରଣକୁ ଅନୁସରଣ କରିଥାଏ । ଡକ୍ଟର ମିଶ୍ର ଜେନେଭାରେ ଜିପିଡିଆରଆର ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ମହାନିର୍ଦ୍ଦେଶକ



କାର୍ଯ୍ୟକାରୀ ଗୋଷ୍ଠୀ ଗୋଲଟେବୁଲ ବୈଠକରେ ଅଂଶଗ୍ରହଣ କରି ସେ ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଏବଂ ବୈଶ୍ୱିକ ଆହ୍ୱାନଗୁଡ଼ିକ ବିରୋଧରେ ସାମୂହିକ ନମନୀୟତା ସୃଷ୍ଟି କରିବା ଲାଗି ଆହ୍ୱାନ କରିଥିଲେ ।

ବିଶ୍ୱ ପରିବେଶ ଦିବସ ଅବସରରେ ନମନୀୟ ଭବିଷ୍ୟତ ପାଇଁ ଅନ୍ତର୍ଜାତୀୟ ଭାଗିଦାରୀର ସମ୍ପ୍ରସାରଣ ପାଇଁ ଭାରତର ପ୍ରତିବଦ୍ଧତାକୁ ଡକ୍ଟର ମିଶ୍ର ଦୋହରାଇ ଥିଲେ । ସେ ଆଫ୍ରିକୀୟ ସଂଘ (ଏୟୁ) କୁ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ମେଣ୍ଟ (ସିଡିଆରଆଇ) ର ଏକ ନୂତନ ଡକ୍ଟର ଟେଡ୍ରୋସ୍ ଆଡାନୋମ୍ ଘେବ୍ରେୟସଙ୍କୁ ମଧ ଭେଟିଥିଲେ । ବୈଶ୍ୱିକ ଜନସ୍ୱାସ୍ଥ୍ୟ ପ୍ରସଙ୍ଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ ଭାରତର ସହଯୋଗ ବିଷୟରେ ସେମାନେ ଆଲୋଚନା କରିଥିଲେ । ୨୦୨୫ ଡିସେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବିଶ୍ୱ ପାରମ୍ପରିକ ଔଷଧ ସମ୍ମିଳନୀ ପାଇଁ ଭାରତର ସମର୍ଥନ ଏବଂ ଗୁଜରାଟର ଜାମନଗରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବିଶ୍ୱ ପାରମ୍ପରିକ ଔଷଧ କେନ୍ଦ୍ର ପ୍ରତି ଭାରତର ପ୍ରତିବଦ୍ଧତାକୁ ଶ୍ରୀ ମିଶ୍ର ଦୋହରାଇ ଥିଲେ ।

## ଜେନେଭାରେ ଆୟୋଜିତ ବିପର୍ଯ୍ୟୟ ବିପଦ ହ୍ରାସ ବୈଠକରେ ଯୋଗଦେଲେ ପି.କେ ମିଶ୍ର



ନୂଆଦିଲ୍ଲୀ: ଜେନେଭାଠାରେ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଅଷ୍ଟମ ବୈଶ୍ୱିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ବିପର୍ଯ୍ୟୟ ପ୍ରଶମନ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ ନରୱେର ଅନ୍ତର୍ଜାତୀୟ ବିକାଶ ଉପମନ୍ତ୍ରୀ ସୁଶ୍ରୀ ଷ୍ଟାଇନ ରେନେଟ ହେହିମଙ୍କ ସହ ଫଳପ୍ରଦ ଆଲୋଚନା କରିଥିଲେ । ଡଃ ମିଶ୍ର ଏହି ମଞ୍ଚର ଉଦଘାଟନୀ ସମାରୋହରେ ମଧ ଅଂଶଗ୍ରହଣ କରି ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସ୍ଥିତିସ୍ଥାପକତା-ନିର୍ମାଣ ପ୍ରତି ଭାରତର ସକ୍ରିୟ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହା ଏକ ସୁରକ୍ଷିତ ଏବଂ ଅଧିକ ନମନୀୟ ଭବିଷ୍ୟତ ପାଇଁ ଭାଗିଦାରୀକୁ ମଜବୁତ କରିବା ପାଇଁ ଭାରତର ସମର୍ପଣକୁ ସୁଦୃଢ଼ କରିଥିଲା ।


DADLS-25

सत्यमेव जयते

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

ଓଡ଼ିଶା ଶାସନ

ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0671/2526

# ବିଶ୍ୱ ପରିବେଶ ଦିବସରେ ମାନବ ଶୃଙ୍ଖଳ

ଝାରସୁଗୁଡା: ବିଶ୍ୱ ପରିବେଶ ଦିବସ ଅବସରରେ ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ତଥା ୩ ନମ୍ବର ଓରିଏଣ୍ଟ କୋଇଲାଖଣି ପାଇଁ ଆମଦରହ ଏବଂ ଜୁନାନିମୁଣ୍ଡା ଗ୍ରାମର ଜଙ୍ଗଲ ଜମି ପରିବର୍ତ୍ତନ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଏବଂ ଜଙ୍ଗଲ, ପରିବେଶ ଓ ଜୀବନ ଜୀବିକାର ସୁରକ୍ଷା ପାଇଁ ପ୍ରସ୍ତାବିତ ୩ ନମ୍ବର ଓରିଏଣ୍ଟ ଖୋଲାମୁହଁ କୋଇଲା ଖଣିକୁ ବାତିଲ କରିବା ଦାବି ନେଇ ଲୋକମୁକ୍ତି ସଙ୍ଗଠନର ଆହ୍ୱାନରେ ଆମଦରହ ଗ୍ରାମ ନିକଟସ୍ଥ କୁଲଥିଆ ଡୁଙ୍ଗୁରି ନିକଟ ଜଙ୍ଗଲରେ ଏକ ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ ଯୋଗଦାନ କରି କହିଥିଲେ ଯେ ପୁଞ୍ଜିବାଦୀ ବିକାଶ ନୀତି ଯୋଗୁଁ ଜଳ, ଜମି, ଜଙ୍ଗଲ ତଥା ପ୍ରାକୃତିକ ସମ୍ପଦର ଅନ୍ଧାଧୁନ୍ଦ ବିନାଶ ଫଳରେ ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ବୃହତ ସମସ୍ୟା ଭାବରେ ଉଭା ହେଇଛି । ପ୍ରବଳ ଉତ୍ତାପ ଏବଂ ବର୍ଷାର ଅଭାବ ଯୋଗୁଁ, ନଦୀ, ନାଳ ଶୁଖିଲା ରହୁଛି । ଚିନ୍ତାର



ବିଷୟ ହେଲା ଯେ ନଦୀ ସବୁ ମରି ମରି ଯାଉଛି । ଏଣୁ ପ୍ରସ୍ତାବିତ କୋଇଲାଖଣି ଯୋଗୁଁ ଏହି ଜଙ୍ଗଲ ଧ୍ୱଂସ ହେଲେ ସ୍ଥାନୀୟ ଲୋକଙ୍କର ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡିବା ସହ ସମଗ୍ର ଝାରସୁଗୁଡା ଜିଲ୍ଲା ପାଇଁ ଏହା ବିପଦ ହେବ । ଏଣୁ ସରକାର ପ୍ରସ୍ତାବିତ କୋଇଲାଖଣି ବାତିଲ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ । ଅନ୍ୟ ମାନଙ୍କ ମଧ୍ୟରେ ଲୋକମୁକ୍ତି ସଙ୍ଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ, ଉପସଭାପତି ରସାନନ୍ଦ କିସାନ, ରାମଚନ୍ଦ୍ର କୁମ୍ଭାର, ସୁରେନ୍ଦ୍ର ରୋହିଦାସ ପ୍ରଭୃତି ଯୋଗଦାନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଭାବିତ ଆମଦରହ ଏବଂ ଜୁନାନିମୁଣ୍ଡା ଗ୍ରାମରୁ ଘନଶ୍ୟାମ ମାଝୀ, ବିପିନ ଏକ୍କା, ବୁଧୁରାମ ନାଏକ, କିଶୋର ଖଡ଼ିଆ, ରାମଦାସ ଖଡ଼ିଆ, ସୁରେଶ ଆଇନ୍ଦା, ଭୀଷ୍ମ ଖଡ଼ିଆ, ବିରଞ୍ଚି ଖଡ଼ିଆ, ଶିବ ମୁଣ୍ଡା, ମଙ୍ଗଳ ମୁଣ୍ଡା, ଶୁସମା କୁମୁରା, ଶଶି ମୁଖୀ ମାଝୀ, ମମତା ଖଡ଼ିଆ, ସୁମତି ଖଡ଼ିଆ ପ୍ରଭୃତି ନେତୃବୃନ୍ଦଙ୍କ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ । ପ୍ରକାଶଯୋଗ୍ୟ ଯେ,ଜିଲ୍ଲାରେ ବ୍ୟାପକ ଶିଳ୍ପାୟନର ପ୍ରଭାବରେ ଉତ୍କଟ ପ୍ରଦୂଷଣ ଏକ ଗମ୍ଭୀର ରୂପ ଧାରଣ କରିଥିବା ବେଳେ ନିଜ ଭିଟାମାଟି ରୁ ଲୋକେ ବିସ୍ଥାପିତ ହେଉଛନ୍ତି । ଝାରସୁଗୁଡା ଜିଲ୍ଲାରେ ଏକଦା ଭୌଗୋଳିକ ଅଞ୍ଚଳର ୩୩ ପ୍ରତିଶତ ଆଚ୍ଛାଦିତ ଥିବା ଜଙ୍ଗଲ ବର୍ତ୍ତମାନ ୧୪ ପ୍ରତିଶତକୁ ଖସି ଆସିଛି । ଝାରସୁଗୁଡା ଫରେଷ୍ଟ ଡିଭିଜନର ବ୍ରଜରାଜନଗର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଏହି ଅଞ୍ଚଳରେ ଘନ ଜଙ୍ଗଲ ଆଚ୍ଛାଦିତ ହୋଇ ରହିଛି । ଅନେକ ପୁରୁଣା ଗଛ ସହିତ ଜଙ୍ଗଲୀ ଜୀବଜନ୍ତୁ, ସରୀସୃପ, ଝରଣା, ଜଳାଶୟ, ପୋଖରୀ, ବନ୍ଧ ଥିବା ଏହି ଜଙ୍ଗଲ ଧ୍ୱଂସ ହେଲେ ସ୍ଥାନୀୟ ବାସିନ୍ଦାଙ୍କର ଜୀବନ ଜୀବିକା ଉପରେ ପ୍ରଭାବ ପଡିବା ସହ ପରିବେଶ ଏବଂ ଜୈବବିବିଧତା ନଷ୍ଟ ହେବ ।

# ଗଞ୍ଜେଇ ଚୋରା ଚାଲାଣ ଟ୍ରକ ସହ ଚାଳକ ଗିରଫ

ଝାରସୁଗୁଡ଼ା : ଟ୍ରକ୍‌ରେ ଚୋରାରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ଟ୍ରକ୍ ସହ ଗଞ୍ଜେଇ ଓ ଟ୍ରକ୍ ଚାଳକ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ୪୯ ନମ୍ବର ଜାତୀୟ ରାଜପଥ ରେଙ୍ଗାଲି ଥାନା କାଞ୍ଝିଝରଣ ଗାଁ ନିକଟରେ ପୋଲିସ ଚଢାଉ କରି ଟ୍ରକ ସହ ୭୯ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ଟ୍ରକ ଡ୍ରାଇଭରକୁ ଗିରଫ କରିଥିଲା । ଅଭିଯୁକ୍ତ ଡ୍ରାଇଭର ଜଣକ ମଧ୍ୟପ୍ରଦେଶ ରାଜ୍ୟ ର ରେବା ଜିଲ୍ଲା ବୈକୁଣ୍ଠ ନାଥପୁର ଥାନା ବାଡ଼ି ହଳଦୀ ଗାଁର ସୁନିଲ ତିୱାରୀ ବୋଲି ଜଣା ପଡ଼ିଛି । ଓଡ଼ିଶାରୁ ମଧ୍ୟପ୍ରଦେଶ କୁ ଏମପି-୧୯-ଏଚଆର-୫୬୮୯ ନମ୍ବର ବିଶିଷ୍ଟ ଏକ ଟ୍ରକରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ପୁଲିସକୁ ସୂଚନା ମିଳିଥିଲା । ଏ ସମ୍ପର୍କରେ ରେଙ୍ଗାଲି ଭାରପ୍ରାପ୍ତ ଥାନା ଅଧିକାରୀ ସମରେନ୍ଦ୍ର ନାୟକ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପି,ପରମାର ସ୍ମିଥଙ୍କ ନିର୍ଦ୍ଦେଶ କ୍ରମେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପଧାନଙ୍କ ନେତୃତ୍ୱରେ ରେଙ୍ଗାଲି ଥାନା ଅଧିକାରୀ ସମରେନ୍ଦ୍ର ନାୟକ, ଲଖନପୁର ଥାନା ଅଧିକାରୀ ବିନୋଦ ରାଓ, ଏସଆଇ ଆଶୁତୋଷ ମହାନ୍ତି ଓ ପୁଷ୍ପା ଖମାରୀ, କନକତୋରା ଫାଣ୍ଡି ଅଧିକାରୀ ରମେଶ କୁମାର ଭଇଁସାଲ ସଦଳ ବଳେ ପହଞ୍ଚି ଏନ ଏଚ ୪୯ କାଞ୍ଝିଝରଣ ଗାଁ ନିକଟରେ ଉକ୍ତ ଟ୍ରକକୁ ଅଟକ ରଖିଥିଲେ । ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତଙ୍କ ଉପସ୍ଥିତିରେ ଅଟକ ଟ୍ରକକୁ ଖାନ ତଲାସୀ କରି କେବିନ ଭିତରେ ଥିବା ଗଞ୍ଜେଇକୁ ବାହାର କରି ଓଜନ କରିବାରୁ ତାହା ୭୯.୬ କିଲୋଗ୍ରାମ ହୋଇଥିଲା । ଏଥିରେ ସମ୍ପୃକ୍ତ ଥିବା ଟ୍ରକ ଡ୍ରାଇଭର ସୁନୀଲ କୁ ଗିରଫ କରିବା ସହ ଟ୍ରକ, ଏକ ମୋବାଇଲ ଫୋନ ଓ ନଗଦ ୨୨୫୦ ଟଙ୍କା ଜବତ କରିଥିଲେ । ଅଭିଯୁକ୍ତ ଟ୍ରକ ଚାଳକକୁ କୋର୍ଟ ଚାଲାଣ କରା ଯାଇଛି । ଅଭିଯୁକ୍ତ ର ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ପକ୍ଷ ରୁ ସାଇକେଲ ର୍‍ୟାଲି ଅନୁଷ୍ଠିତ

ଝାରସୁଗୁଡା : ରାଜ୍ୟ ପ୍ରଦୂଷଣ ବୋର୍ଡ ଝାରସୁଗୁଡା ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି ।ଏହି ପାଳନ ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନେ ଦ୍ୱିତୀୟ ଓଏସଏ ପି ର ଯବାନ ମାନଙ୍କ ର ଏକ ସାଇକେଲ ର୍‍ୟାଲି ବମ୍ବେ ଛକ ଠାରୁ ଆରମ୍ଭ ହୋଇ ପ୍ରସନ୍ନ ପଣ୍ଡା ଛକ ଦେଇ ଝାରସୁଗୁଡା ହକି ଷ୍ଟାଡିୟମରେ ର୍‍ୟାଲି ପହଂଚିଥିଲା । ଏହି ର୍‍ୟାଲିକୁ ଝାରସୁଗୁଡା ଡ଼ିଏଫଓ ମନୁ ଭଟ୍ଟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ମହାନଦୀ କୋଇଲା କମ୍ପାନୀ ର ଇବ ଭ୍ୟାଲି ର ବରିଷ୍ଠ ଅଧିକାରୀ କନ୍ହେଇଲାଲ ମିଶ୍ର, ଲଖନପୁର ମାଇନ୍ସ ର ଭି. କେ. ସିଂ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଝାରସୁଗୁଡା ଆଞ୍ଚଳିକ ଅଧିକାରୀ ହିରଣ୍ୟ କୁମାର ନାଇକ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ରାଲି ହକି ଷ୍ଟାଡିୟମ ଏଚ. କଣ୍ଟାପାଲି ରେ ପହଂଚିବା ପରେ ଅଧିକାରୀ ମାନେ ଉଦବୋଧନ ଦେଇଥିଲେ ।

# ବ୍ରହ୍ମକୁମାରୀ ପକ୍ଷରୁ ପରିବେଶ ଦିବସ ପାଳିତ

ସମ୍ବଲପୁର : ଶାସନ ନିକଟସ୍ଥ ପ୍ରଧାନପାଲିରେ ଥିବା ପାବନ ସରୋବର ଠାରେ ବ୍ରହ୍ମାକୁମାରିଜ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାବନ ସରୋବର ପରିସରରେ ଦେଢ଼ ଶହରୁ ଅଧିକ ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ନାସପାତି, ଫକ୍ସଟେଲ ପାମ, ସୁନାରୀ, କୃଷ୍ଣଚୂଡ଼ା ଆଦି ଗଛ ଲଗା ଯାଇଥିଲା । ଚାରାରୋପଣ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଏଫ୍‌ଓ ଗୋରିଖ କାଲୁଙ୍ଗ ଓ୍ୱମନ୍ ଓ ଉଦ୍ୟାନକୃଷି ବିଭାଗ ଅଧିକାରୀ ବ୍ରହ୍ମାକୁମାରୀ ମୌସୁମୀ ଯୋଗ ଦେଇଥିଲେ । ରାଜଯୋଗିନୀ ପାର୍ବତୀ ଦିଦି ଚାରାରୋପଣ କରିବାପରେ ବ୍ରହ୍ମାକୁମାରୀ ବିନି, ଆରତୀ, ଦୀପା, ଶକୁନ୍ତଳା, ରାସେଶ୍ୱରୀ ଏବଂ ବ୍ରହ୍ମକୁମାର ରୁପେଶ, ମୋହନ, ଅନିଲ, ନରୋତ୍ତମ, ଅମୂଲ୍ୟ, ସୁଧୀ, କୁମାର ମଣି ପ୍ରମୁଖ ଚାରା ରୋପଣ କରିଥିଲେ ।

# ଓଏସ୍‌ଓୟୁ ପକ୍ଷରୁ ପରିବେଶ ଦିବସ

ସମ୍ବଲପୁର : ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ, ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀଙ୍କ ସହ ଅଧାପକ ଅଧାପିକା ତଥା କର୍ମଚାରୀମାନେ ସାମିଲ ହୋଇଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ୭୦ଟି ଆମ୍ବଚାରା, ୩୧ଟି ଫୁଲଚାରା ଓ ଗୋଟିଏ ଲେମ୍ବୁଚାରା ରୋପଣ କରାଯାଇଥିଲା ।

# ମଲଦା ଗ୍ରାମବାସୀଙ୍କୁ ନିଯୁକ୍ତି ପାଇଁ ଦାବିପତ୍ର

ଝାରସୁଗୁଡ଼ା : ଏନଏଲସି କମ୍ପାନୀ ଦ୍ୱାରା ମଲଦା ଗ୍ରାମ ବିସ୍ଥାପିତ ହେଉଥିଲେ ହେଁ ଗ୍ରାମର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳୁନାହିଁ । ଶିଳ୍ପ ପାଇଁ ନିଜ ଘର ଦ୍ୱାର ଭିଟାମାଟି ହରାଉଥିବା ଲୋକେ ଶୋଷଣର ଶିକାର ହେଉଛନ୍ତି । ମଲଦାବାସୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଗ୍ରାମର ଯୁବକ ଯୁବତୀ ମାନେ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ପୂର୍ବରୁ ମଧ ଦାବି କରିଥିଲେ । ହେଲେ କୌଣସି ସୁଫଳ ନମିଳିବାରୁ ମଲଦା ଗ୍ରାମର ଯୁବକ ଯୁବତୀ ପୁଣି ଜିଲ୍ଲାପାଳ କାର୍ଯ୍ୟାଳୟ ଆସି ଦାବିପତ୍ର ପ୍ରଦାନ କରିଛନ୍ତି । ମଲଦା ଗ୍ରାମର ନିଯୁକ୍ତି ପାଇଁ ଯୋଗ୍ୟ ଥିବା ସମସ୍ତଙ୍କୁ ନିଯୁକ୍ତି ଯୋଗାଇ ଦିଆଯାଉ ନଚେତ ଆଗାମୀ ଦିନରେ ଆନ୍ଦୋଳନ ଏବଂ ଗଣଧାରଣା କରାଯିବ ବୋଲି ଝାରସୁଗୁଡା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମଲଦା ଗ୍ରାମର ପଲ୍ଲବ ସିଂ ଏବଂ ଶ୍ରୀକାନ୍ତ ସାହୁ ପ୍ରତିକ୍ରିୟା ଦେଇଛନ୍ତି ।

# ଝାରସୁଗୁଡା ପୌର ପରିଷଦରେ କର୍ମଚାରୀ ଅଭାବ

ଝାରସୁଗୁଡା: ଝାରସୁଗୁଡା ପୌର ପରିଷଦ ରେ ଆବଶ୍ୟକତା ଠାରୁ କମ୍ କର୍ମଚାରୀ ଥିବାରୁ, ଉନ୍ନୟନ କାମରେ ବାଧା ସୃଷ୍ଟି ହେବାକୁ ନେଇ ନଗର ଉନ୍ନୟନ ବିଭାଗ ର ସଚିବ ଉଷା ପାଢ଼ୀ ଙ୍କୁ ଝାରସୁଗୁଡା ପୌର ପରିଷଦ ର ଉପନଗରପାଳ ବେଣୁଗୋପାଳ ପାଣିଗ୍ରାହୀ ଚିଠି ଲେଖିଛନ୍ତି । ସୂଚନା ଅନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ଝାରସୁଗୁଡା ପୌର ପରିଷଦ ରେ ହେଡ଼ ଆସିଷ୍ଟାଣ୍ଟ ପାଇଁ ଗୋଟିଏ ରେ ଗୋଟିଏ ଖାଲି, ଏହିପରି ସିନିଅର ଆସିଷ୍ଟାଣ୍ଟ ୫ ଟି ପଦବୀ ରୁ ୫ଟି ଖାଲି, ଜୁନିଅର ଆସିଷ୍ଟାଣ୍ଟ ୧୦ ରୁ ୪ଟି ପଦବୀ ଖାଲି, କମ୍ୟୁନିଟି ଅର୍ଗାନାଇଜର ୪ ରୁ ୨ ଟି ପଦବୀ ଖାଲି, ହୋମିଓପାଥି ଡାକ୍ତର ୨ ରୁ ୨ଟି ପଦବୀ ଖାଲି, ସୁଇପର ୨୧ରୁ ୧୮ ଟି ପଦବୀ ଖାଲି, ଟେକ୍ସ କଲେକ୍ଟର ୧୫ ରୁ ୯ଟି ପଦବୀ ଖାଲି, ପିଅନ ୮ ରୁ ୩ଟି ପଦବୀ ଖାଲି ରହିଅଛି ।ଯାହାଦ୍ୱାରା ପୌର ପରିଷଦ ରେ ଉନ୍ନୟନ କାମ ର ବିଲ, କର୍ମଚାରୀ ଙ୍କ ଦରମା, ପୌର ପରିଷଦ ରେ ସଫେଇ କାର୍ଯ୍ୟ, ଦୋକାନ ବଜାର ମାନଙ୍କରୁ ଟେକ୍ସ କଲେକ୍ସନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଜନସାଧାରଣ ହୋମିଓପ୍ୟାଥିକ ସେବା ରୁ ବଂଚିତ ହେବା ସହ ପୌର ପରିଷଦର ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ ଭାବରେ ପ୍ରଭାବିତ ହେଉଛି ।

# ମା ପାଇଁ ଗଛଟିଏ, ଅଭିଯାନରେ ଗଛ ଲଗାଇଲେ ବିଧାୟକ

ଝାରସୁଗୁଡା : ମନମୋହନ ଏମ ଇ ସ୍କୁଲ ପଡିଆ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱ ରେ ମା ପାଇଁ ଗଛ ଟିଏ ଅଭିଯାନ କାର୍ଯ୍ୟକ୍ରମ ରେ ସାମିଲ ହୋଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ବୃକ୍ଷ ରୋପଣ କାର୍ଯ୍ୟ ଆରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେଙ୍କ ସହିତ ଜିଲ୍ଲା ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଭାଜପା ର ବିମଳେନ୍ଦୁ ଭୋଇ, ନେତାଜୀ ପଟ୍ଟନାୟକ, ପୁରୁଷୋତ୍ତମ ଥିରାଣୀ, ଅରବିନ୍ଦ ପାଠକ, ଆନନ୍ଦ ଶର୍ମା, ବିନୟ ମୋଦୀ ଆଦି ଯୋଗ ଦେଇଥିଲେ ।

# ବରଗଡ଼ରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

ବରଗଡ଼ : ବରଗଡ଼ ବନଖଣ୍ଡ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୫ ପାଳିତ ହୋଇଯାଇଛି । ଏଥିରେ ବିଜେପୁର ବିଧାୟକ ସନତ କୁମାର ଗଡତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୂଷିତ ପୃଥିବୀର ଭୟାବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ପରିବେଶ ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପ, ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଯାପନର ସହଜ ଏବଂ ସରଳ



ମାଧମ ହେଇପାରିବ ବୋଲି ଏହି ଅବସରରେ ଉଦବୋଧନ ଦେଇ କହିଛନ୍ତି । ଏଥି ସହ ଶ୍ରୀ ଗଡତିଆ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତି କରି ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ବିକ୍ରମଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତି ମଧୁଛନ୍ଦା ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର, ବରଗଡ଼ ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଶ୍ରୀ ବିରୂପାକ୍ଷ ନାୟକ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାର ୯ ଜଣ ପ୍ରକୃତି ବନ୍ଧୁଙ୍କୁ ସମ୍ମାନିତ କରାଯିବା ସହ ସ୍ଥାନୀୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିଷରରେ ବୃକ୍ଷ ରୋପଣ କରାଯାଇଛି ।

# ଭାରତୀୟ ଦୃଷ୍ଟିକୋଣରେ ଭାବନା

ଭାବନା ଓ ସଂବେଦନାଗୁଡ଼ିକ ମନୁଷ୍ୟ ବ୍ୟକ୍ତିତ୍ୱର ଅଭିନ୍ନ ଅଙ୍ଗ । ଜ୍ଞାତ-ଅଜ୍ଞାତରେ ଜୀବନର ପ୍ରତ୍ୟେକ ଗତିବିଧି ଭାବନାଗୁଡ଼ିକ ଦ୍ୱାରା ସଞ୍ଚାଳିତ ହୋଇଥାଏ ବା ସେଗୁଡ଼ିକ ଦ୍ୱାରା ପ୍ରତ୍ୟକ୍ଷ-ପରୋକ୍ଷ ରୂପେ ପ୍ରଭାବିତ ହୋଇଥାଏ ।

ବ୍ୟାଖ୍ୟାନ ଓ ଉଦ୍‌ବୋଧନଗୁଡ଼ିକର ଯେଉଁ ପ୍ରଭାବ ମନୁଷ୍ୟ ଉପରେ ପଡ଼େ ନାହିଁ, ସେହି ପ୍ରଭାବ ମନୁଷ୍ୟର ମର୍ମକୁ ଛୁଇଁ ପାରୁଥିବା କଥା ଦ୍ୱାରା ପଡ଼ିଥାଏ । ଭାବନାତ୍ମକ ସ୍ତରକୁ ଛୁଇଁଥିବା କଥା ସକାରାତ୍ମକ ହେଲେ ଜୀବନକୁ ଉନ୍ନତିର ଶିଖରରେ ନେଇ ପହଞ୍ଚାଇ ଦିଏ, ଅନ୍ୟ ପକ୍ଷରେ କୌଣସି ନକାରାତ୍ମକ ଆବେଗ ମନୁଷ୍ୟକୁ ପାପ-ପତନର ଗର୍ତ୍ତ ମଧ୍ୟକୁ ଠେଲିଦିଏ ।

ଜୀବନର ପ୍ରତ୍ୟେକ ପକ୍ଷ ବା ବ୍ୟକ୍ତିତ୍ୱର ସମସ୍ତ ଆୟାମ ଉପରେ ଭାବନାଗୁଡ଼ିକର ଯେଉଁ ପ୍ରଭାବ ରହିଛି, ସେଗୁଡ଼ିକୁ ଅସ୍ୱୀକାର ଓ ଅବହେଳା କରି କୌଣସି ଗୁରୁତ୍ୱପୂର୍ଣ୍ଣ ଉଲ୍ଲେଖନୀୟ ପ୍ରଗତିର ଆଶା, ଅପେକ୍ଷା କରାଯାଇ ନ ପାରେ । ଏହି କାରଣରୁ ଆଜି ଭାବନାଗୁଡ଼ିକୁ ବୁଝିବା ପାଇଁ, ସେଗୁଡ଼ିକର ସମସ୍ତ ପକ୍ଷ ଉପରେ ଗବେଷଣା କରିବା ପାଇଁ ମାନବୀୟ ଚିନ୍ତନର ସମସ୍ତ ପକ୍ଷ ଯଥାସମ୍ଭବ ପ୍ରୟାସ କରୁଥିବାର ଦୃଷ୍ଟିଗୋଚର ହେଉଛି ।

ମନୋବିଜ୍ଞାନ ହେଉ କି ମନୋଚିକିତ୍ସା, ସମାଜ ବିଜ୍ଞାନ ହେଉ କି ପଦାର୍ଥ ବିଜ୍ଞାନ, ସାଂସ୍କୃତିକ ପରିପ୍ରେକ୍ଷ ହେଉ ବା ଭୌଗୋଳିକ ପରିବେଶ, ପ୍ରତ୍ୟେକ ବିଦ୍ୟାର ବିଶେଷଜ୍ଞ ନିଜ ନିଜର କ୍ଷେତ୍ରରେ ଭାବନାଗୁଡ଼ିକ ଉପରେ ଗବେଷଣା କରୁଥିବାର ଦେଖାଯାଉଛି । ଏଠାରେ ଧ୍ୟାନ ଦେବାର ଯୋଗ୍ୟ ଯେ ଭାବନାଗୁଡ଼ିକୁ ଅନୁଭବ କରିବା ଯେତିକି ସହଜ ଓ ସରଳ, ସେଗୁଡ଼ିକୁ ପରିଭାଷିତ କରିବା ସେତିକି କଠିନ ଓ ଜଟିଳ ।

ଜଣେ ଅଶିକ୍ଷିତ ବ୍ୟକ୍ତି ମଧ୍ୟ ନିଜର ଓ ଅନ୍ୟର ଭାବନାଗୁଡ଼ିକୁ ଅନୁଭବ କରିପାରେ, ଆଜି ଜନ୍ମ ନେଇଥିବା ନବଜାତ ଶିଶୁ ମଧ୍ୟ ଭାବନାତ୍ମକ ଆଦାନପ୍ରଦାନକୁ ଅନୁଭବ କରିଥାଏ, ଏହା ସତ୍ତ୍ୱେ ଭାବନାଗୁଡ଼ିକୁ ଏକ ସମଗ୍ର ରୂପେ ପରିଭାଷିତ କରିବା ଆଜି ପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କ ପାଇଁ ସମ୍ଭବ ହୋଇପାରି ନାହିଁ; କାରଣ ପରିସ୍ଥିତି ଅନୁରୂପ ଭାବନାଗୁଡ଼ିକର ପରିଭାଷା ବଦଳିଯାଏ ।

ଉଦାହରଣ ସ୍ୱରୂପ ଭାବନାଗୁଡ଼ିକୁ ସାଂସ୍କୃତିକ ପରିପ୍ରେକ୍ଷୀରେ ଯେପରି କୁହାଯିବ, ତାହା ସେଗୁଡ଼ିକର ଜୈବ ବୈଜ୍ଞାନିକ ପରିଭାଷା, ବିବେଚନା ଠାରୁ ସମ୍ପୂର୍ଣ୍ଣ ଅଲଗା ହେବ । ଏହା ବ୍ୟତୀତ ଅନୁଭବର ଗୁଣବତ୍ତା, ଆବେଗଗୁଡ଼ିକର ତୀବ୍ରତା ଆଧାରରେ ମଧ୍ୟ ଭାବନାତ୍ମକ ପରିଭାଷାଗୁଡ଼ିକ ଭିନ୍ନ ହୋଇଯାଏ ।

ଏହି ଦିଗରେ ଯେ ବୈଜ୍ଞାନିକ ପ୍ରୟାସ ହୋଇ ନାହିଁ ତାହା ନୁହେଁ, କିନ୍ତୁ ସମସ୍ତ ଗବେଷଣା ଓ ନିଷ୍କର୍ଷ ଆଧାରରେ ମିଳିଥିବା ତଥ୍ୟ ହେଉଛି- ମନୁଷ୍ୟର ଭାବନାତ୍ମକ ପରିପକ୍ୱତା ପାଇଁ ଯେତିକି ଭାବର ଆବଶ୍ୟକତା ରହିଛି, ତାହାକୁ ପରମାତ୍ମା ନବଜାତ ଶିଶୁ ମଧ୍ୟରେ ପୂର୍ବରୁ ହିଁ ଦେଇକରି ପଠାଇଥାନ୍ତି । ତାହାକୁ କେବଳ ଉତ୍ତମ ଢଙ୍ଗରେ ବୁଝିବାର ଆବଶ୍ୟକତା ରହିଛି । ଏହାକୁ ମୌଳିକ ଭାବ କହନ୍ତି, ଯାହା ସବୁ ମନୁଷ୍ୟଙ୍କ ମଧ୍ୟରେ ସମାନ ରୂପେ ମିଳିଥାଏ ଏବଂ ଯାହାକୁ ପ୍ରକଟ କରିବାର ଶୈଳୀ ମଧ୍ୟ ପ୍ରାୟ ସମସ୍ତ ସଂସ୍କୃତି ଓ ସଭ୍ୟତାରେ ଏକ ସମାନ ହୋଇଥାଏ ।

ଏହି ମୌଳିକ ଭାବନାଗୁଡ଼ିକ ମଧ୍ୟରେ ପ୍ରଥମ ଭାବ ହେଉଛି – ଖୁସି ବା ପ୍ରସନ୍ନତା । କୌଣସି ପୀଡ଼ାରୁ ମୁକ୍ତି ହେଉ ଅଥବା କୌଣସି ସୁଖଦ ଖବର ମିଳିବାର ଅନୁଭୂତି, ଅନ୍ୟମାନଙ୍କ ଠାରୁ ମିଳିଥିବା ପ୍ରଶଂସା ହେଉ ବା ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ମିଳୁଥିବା ସୁଖ- ମନୁଷ୍ୟ ଖୁସିର ଭାବ, ପ୍ରସନ୍ନତାର ଭାବଗୁଡ଼ିକୁ ସମସ୍ତ ବର୍ଗରେ ସମାନ ରୂପେ ଅନୁଭବ କରିଥାଏ ।

ଯଦ୍ୟପି ପ୍ରସନ୍ନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବ, ତଥାପି ବର୍ତ୍ତମାନ ସମୟରେ ଏହା ଉପରେ ସବୁଠାରୁ କମ୍ ବୈଜ୍ଞାନିକ ଗବେଷଣା ହୋଇଛି । ୧୯୬୭ରୁ ୧୯୯୫ ମଧ୍ୟରେ ଭାବନାଗୁଡ଼ିକ ଉପରେ ହୋଇଥିବା ୨୫ଟି ଗବେଷଣା ମଧ୍ୟରୁ ମାତ୍ର ଗୋଟିଏ ପରିବେଶରେ ବଢୁଥିବା ଉତ୍ତେଜନାର ସମ୍ଭାବିତ କାରଣ ବିଷୟରେ ହୋଇଥିଲା, ଯାହା ଗବେଷଣାର ମୁଖ୍ୟ ବିଷୟ ଥିଲା ।

ଏଥିରେ ସବୁଠାରୁ ଉଲ୍ଲେଖନୀୟ ତଥ୍ୟ ହେଉଛି ପ୍ରସନ୍ନତାର ଭାବକୁ ବ୍ୟକ୍ତ କରିବା ପାଇଁ ପଶ୍ଚିମ ଜଗତରେ ମାତ୍ର ଗୋଟିଏ ଶବ୍ଦ ବା ମାଧ୍ୟମ ଥିଲା । ଯେତେବେଳେ କି ଭାରତରେ ଆର୍ଷଚିନ୍ତକମାନେ ସର୍ବଦା ଦୁଇ ପ୍ରକାର ସୁଖର କଳ୍ପନା କରିଥିଲେ – ଇନ୍ଦ୍ରିୟ ସୁଖ, ଯାହା ରାଗ-ଦ୍ୱେଷ ଆଡ଼କୁ ନେଇଯାଏ ଏବଂ ଆର୍ତ୍ତିକ ସୁଖ, ଯାହା ବ୍ରହ୍ମାନନ୍ଦ ଓ ସମାଧି ଦିଗରେ ନେଇଯାଏ ।

ଯେତେବେଳେ ପରମାତ୍ମାଙ୍କ ଅଂଶ ରୂପେ ଉତ୍ପନ୍ନ ଜୀବାତ୍ମା ନିଜର ମୂଳ ରୂପକୁ ପ୍ରାପ୍ତ ହୋଇ ଆନନ୍ଦର ଅନୁଭବ କରିଥାଏ, ତାହା ସମାଧି ଅବସ୍ଥା ହୋଇଥାଏ । ମହର୍ଷି ପତଞ୍ଜଳି ଯୋଗସୂତ୍ରର ସମାଧାଦ– ୧/୩ରେ ଏହି ଅବସ୍ଥାର ଉଲ୍ଲେଖ କରି କହିଛନ୍ତି–

ତଦା ଦ୍ରଷ୍ଟା ସ୍ୱରୂପେସ୍ ବସ୍ଥାନମ୍ ।।

ଅର୍ଥାତ୍ ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ ହୋଇଗଲେ, ଜୀବାତ୍ମା ଓ ପରମାତ୍ମାଙ୍କର ଯୋଗ ହୋଇଗଲେ, ଦ୍ରଷ୍ଟାର ନିଜ ସ୍ୱରୂପରେ ସ୍ଥିତ ହୋଇଯାଏ ।

ଏ ସଂସାରର ଉର୍ଦ୍ଧ୍ୱକୁ ଉଠି, ଇନ୍ଦ୍ରୟାତୀତ ହୋଇ ଆନନ୍ଦକୁ ଅନୁଭବ କରିବାର ବିଚାର କେବଳ ଭାରତୀୟ ଚିନ୍ତନରେ ହିଁ ଉପଲବ୍ଧ । ସେଥିପାଇଁ ପାଶ୍ଚାତ୍ୟ ଚିନ୍ତନ ଏହି ଭାବ ଉପରେ ସମଗ୍ର ଗବେଷଣା କରିବାରୁ ବଞ୍ଚିତ ରହିଯାଇଛି । ଭାରତୀୟ ପରିପ୍ରେକ୍ଷକୁ ଧ୍ୟାନରେ ରଖି ଏହି ଆୟାମ ଉପରେ ବର୍ତ୍ତମାନ ନୂତନ ଗବେଷଣା କରିବାର ଏକାନ୍ତ ଆବଶ୍ୟକତା ରହିଛି ।

ପ୍ରସନ୍ନତାର ବିପରୀତ ଉଠୁଥିବା ଭାବ ଦୁଃଖ ବା କ୍ଷୋଭ ହୋଇଥାଏ । ପାଶ୍ଚାତ୍ୟ ମନୋବୈଜ୍ଞାନିକଗଣ ଏହି ଭାବକୁ ତୀବ୍ରତାର ଆଧାରରେ ବୁଝିବାର ପ୍ରୟାସ କରିଛନ୍ତି । ଯେପରି ସନ ୧୯୮୦ରେ ପ୍ଲୁଚିକଙ୍କ ଦ୍ୱାରା କରାଯାଇଥିବା ଗବେଷଣା ଅନୁସାର, ଦୁଃଖର ତୀବ୍ରତମ ଅବସ୍ଥା ଶୋକ ଓ ସବୁଠାରୁ ତୀବ୍ରତାର ଅବସ୍ଥା ବିରକ୍ତ ହେବା ଅଟେ ।

ଏହି ବିଷୟରେ ଏକମନ ଓ ଫ୍ରାଇସନ ତଥା ପରେ ରସେଲ ଗମ୍ଭୀର ଗବେଷଣା କଲେ, କିନ୍ତୁ ଭାରତୀୟ ଚିନ୍ତନ ହିଁ କେବଳ ଦୁଃଖର କାରଣଗୁଡ଼ିକ ଉପରେ ଗମ୍ଭୀରତାର ସହ ବିମର୍ଶ କରି ନାହିଁ, ବରଂ ତାହାର ତୀବ୍ରତାକୁ ଅନେକ ସ୍ତରରେ ପରିଭାଷିତ ବି କରିଛି ।

ଭାରତୀୟ ଚିନ୍ତନରେ ଯେଉଁଠି ଭଗବାନ ବୁଦ୍ଧ ଜୀବନକୁ ଦୁଃଖ ରୂପ କହିଥାନ୍ତି, ସେଠାରେ ଭଗବାନ କୃଷ୍ଣ ଦୁଃଖଗୁଡ଼ିକର ମୂଳରେ ଆସକ୍ତିକୁ ସ୍ଥାନ ଦେଇଥାନ୍ତି ।

ଗୀତାର ଦ୍ୱିତୀୟ ଅଧ୍ୟାୟରେ ସେ କହିଛନ୍ତି –

ଧ୍ୟାୟତୋ ବିଷୟାନ୍‌ପୁଂନଃ, ସଙ୍ଗସ୍ତେଷ୍ପଜାୟତେ ।

ସଙ୍ଗାସଞ୍ଜାୟତେ କାମ କାମାକ୍ରୋଧୋଽ ଭିଜାୟତେ ?

କ୍ରୋଧାଭବତି ସମ୍ମୋହଃ ସମ୍ମୋହାତ୍ୟ ତିବିଭ୍ରମଃ ।

ସ୍ମୃ ତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାଣଶ୍ୟତି ।।

ଅର୍ଥାତ୍ ବିଷୟଗୁଡ଼ିକର ଚିନ୍ତନ କରୁଥିବା ମନୁଷ୍ୟର ସେହି ବିଷୟଗୁଡ଼ିକରେ ଆସକ୍ତି ହୋଇଯାଏ, ଯାହା କାମନାକୁ ଜନ୍ମ ଦେଇଥାଏ । କାମନା ପୂରଣ ନ ହେଲେ କ୍ରୋଧ ଆସିଥାଏ, ଯାହା ମୂଢ଼ତାକୁ ଜନ୍ମ ଦେଇଥାଏ । ମୂଢ଼ତା ସ୍ମୃତିକୁ ଭ୍ରଷ୍ଟ କରିଦିଏ ଏବଂ ତାହା ବିବେକର ନାଶ କରିଥାଏ । ବିବେକ ନାଶ ହେଲେ ମନୁଷ୍ୟ ପତନର ମାର୍ଗରେ ଅଗ୍ରସର ହୋଇଥାଏ ।

ଭାରତୀୟ ଚିନ୍ତନରେ କେବଳ ଦୁଃଖର କାରଣଗୁଡ଼ିକର ବିବେଚନ ହିଁ ନାହିଁ, ବରଂ ପ୍ରାଚ୍ୟ ଭାରତୀୟ ରଚନାକାରଗଣ ଦୁଃଖରୁ ଉତ୍ପନ୍ନ ହେଉଥିବା ଶାରୀରିକ ଲକ୍ଷଣଗୁଡ଼ିକୁ ବି ଦୁଇଟି ଶ୍ରେଣୀରେ ରଖିଛନ୍ତି - (୧) ରୁଦନ, (୨) କ୍ରନ୍ଦନ ।

ରୁଦନ ପୁଣି ତିନିଟି କାରଣରୁ ହୋଇପାରେ, ଯଥା: ଈର୍ଷା- ଦ୍ୱେଷ, ପ୍ରସନ୍ନତା ଓ ଶୋକ ; ଯଦ୍ୟପି କ୍ରନ୍ଦନର ତିନିଟି କାରଣ ହେଉଛି – ବିଳାପ, ଆକ୍ରାନ୍ଦତା ତଥା ପରିଦେବିତା ।

ଆଜକୁ ୫୦୦ ବର୍ଷ ପୂର୍ବେ ଦିଆଯାଇଥିବା ଏହି ବର୍ଗୀକରଣ ଆଜି ମଧ୍ୟ ବୈଜ୍ଞାନିକଙ୍କ ପାଇଁ କରି ପାରିବା ସମ୍ଭବ ହୋଇପାରି ନାହିଁ । ସେଥିପାଇଁ ଏହି ଦୃଷ୍ଟିକୋଣରୁ ଏକ ନୂତନ ଗବେଷଣା ଆଜିର ଏକ ଗମ୍ଭୀର ଆବଶ୍ୟକତା ପ୍ରତୀତ ହେଉଛି ।

# କହିବ ମଧୁର ବଚନ...

ଡଃ ଧୀରେନ୍ଦ୍ର କୁମାର ନାୟକ

ମଣିଷ ଜଣେ ସେତେବେଳେ ଏକ ସତ୍ୟ ମଣିଷ ଭାବେ ଚିହ୍ନିତ ହୁଏ, ଯେତେବେଳେ ସେ ତାଙ୍କର ଶବ୍ଦ, ବ୍ୟବହାର ଓ ବାଣୀ ଦ୍ୱାରା ଅନ୍ୟମାନଙ୍କ ହୃଦୟକୁ ଛୁଇଁ ପାରିଥାଏ । ଏହି ପ୍ରସଙ୍ଗରେ ଗୀତାରେ କୁହାଯାଇଛି: 'ମଧୁରମ୍ ପ୍ରଭାଷେତ' – ଅର୍ଥାତ ମଧୁର ବାଣୀ ଦେଇ ଅନ୍ୟମାନଙ୍କୁ ଆନନ୍ଦ ଦିଅ । 'କହିବ ମଧୁର ବଚନ' କେବଳ ଏକ ନୀତିବାଚନ ନୁହେଁ, ବରଂ ଏହା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ।

ମଧୁର ବାଚନରେ ଏମିତି ଶକ୍ତି ଅଛି ଯାହା ଦ୍ୱାରା ହୃଦୟ ଜିତିପାରିବା, ଦୁଃଖ ହ୍ରାସ କରିପାରିବା ଓ ଶତ୍ରୁକୁ ମଧ୍ୟ ବନ୍ଧୁ କରିପାରିବା ସମ୍ଭବ । ଯେଉଁମାନେ ମଧୁର ଭାଷାରେ କଥା କହନ୍ତି, ସେମାନେ ସମାଜରେ ସମ୍ମାନ ଓ ଆଦର ପାଆନ୍ତି । ଆମ ଦୈନନ୍ଦିନ ଜୀବନରେ ମଧୁର ବଚନ ଅତ୍ୟନ୍ତ ଦରକାର । ପରିବାର, ବନ୍ଧୁ, କାର୍ଯ୍ୟସ୍ଥଳ- ଯେଉଁଠି ନିଜର କଥା ମାନବିକ ଓ ଭଦ୍ର ଭାବରେ ରଖାଯାଏ, ସେଠି ସଦା ଶାନ୍ତି ଓ ଏକତା ରହେ । ମଧୁର ବଚନ କେବଳ ଏକ ସଂସ୍କାର ନୁହେଁ, ବରଂ ଏହା ଏକ ଶକ୍ତି, ଯାହା ଦ୍ୱାରା ମଣିଷ ଏକ ଭଲ ନାଗରିକ, ସନ୍ତାନ, ଶିକ୍ଷାର୍ଥୀ ଓ ମନୁଷ୍ୟ ଭାବେ ଗଢ଼ି ଉଠିପାରେ । ଆମେ ସମସ୍ତେ ଜୀବନରେ ଏହି ମଧୁର ବଚନର ପ୍ରୟୋଗ କରି ଏକ ଶାନ୍ତିମୟ, ପ୍ରେମମୟ ଓ ଉନ୍ନତ ସମାଜ ଗଢ଼ିବାରେ ସହାୟକ ହେବା ।

'ମଧୁର ବଚନ'ର ଅର୍ଥ ହେଉଛି - ଏମିତି କଥା, ଯାହା ଶୁଣିଲେ ମନ ପ୍ରସନ୍ନ ହୁଏ, ହୃଦୟ ଶାନ୍ତ୍ୱନା ପାଏ । ଦୁଃଖ କମିଯାଏ । ଏହି ବଚନ ହୁଏ ବ୍ୟବହାରର ଆଇନା । ଏହା ଶାନ୍ତି ଓ ପ୍ରେମର ବାତାବରଣ ତିଆରି କରେ ।

ଯେଉଁମାନେ ମଧୁର ଭାଷାରେ କଥା କହନ୍ତି, ସେମାନଙ୍କ ପ୍ରତି ସମାଜର ଗଭୀର ସମ୍ମାନ ଥାଏ ।

ପ୍ରାୟ ସମସ୍ତ ଧର୍ମ ମଧୁର ବଚନର ପ୍ରଶଂସା କରିଛନ୍ତି । ହିନ୍ଦୁଧର୍ମରେ ମନ୍ତ୍ର, ଗୀତା, ଓ ଉପନିଷଦରେ ଏହି ବିଷୟ ଉପରେ ଜୋର ଦିଆଯାଇଛି । ବୁଦ୍ଧ ଓ ମହାବୀର ମଧ୍ୟ ମୌନତା ଓ ମଧୁରତାକୁ ଅନୁସରଣ କରି ଲୋକମାନେ ଆଗକୁ ବଢ଼ିବାକୁ ଶିଖାଇଛନ୍ତି । ଭଗବତ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ଯେଉଁ ଭାବରେ ମଧୁର କଥା କହି ଆତ୍ମବିଶ୍ୱାସ ଦେଇଥିଲେ, ତାହା ସାଧାରଣ ଶବ୍ଦ ନୁହେଁ — ତାହା ଜୀବନ ଶିକ୍ଷା ଓ ଧ୍ୟାନର ଆଧାର । ଯେଉଁମାନେ ଛୋଟ ପିଲାମାନଙ୍କୁ ଗଳ୍ପ କହନ୍ତି, ଭଲ ଭାବରେ ଶିଖାନ୍ତି, ସେମାନେ ମଧୁର ବାଣୀର ଜୀବନ୍ତ ଉଦାହରଣ । ଯେଉଁଠି ଶିକ୍ଷକ ମଧୁର ଶବ୍ଦରେ ଛାତ୍ରଙ୍କୁ ସମ୍ବୋଧନ କରନ୍ତି, ସେଠି ଶିକ୍ଷା ମାନସିକ ଭାବେ ଗାଢ଼ ହୁଏ ।

ମଧୁର ବାଚନ ଜୀବନରେ ଅନେକ ଦ୍ୱାର ଖୋଲିଥାଏ । ଏହା ଦ୍ୱାରା ଏକ ଅନ୍ୟ ମଣିଷ ଓ ତାଙ୍କର ମନକୁ ଜିତିହେବା ସମ୍ଭବ ହୁଏ । ବ୍ୟବସାୟ, ଶିକ୍ଷା, ସମ୍ପର୍କ, ଓ ନିତି-ନୀତିରେ ଯେଉଁଠି ବ୍ୟକ୍ତି ମଧୁର ବଚନ ଦେଇ ଆଗକୁ ବଢ଼େ, ସେଠି ସଫଳତା ସହଜ ହୁଏ ।

ମଧୁରଂ ବଦନଂ କୁର୍ଯ୍ୟାତ୍, ସତ୍ୟଂ ବଦତୁ ସଦା ନରଃ ।

ପ୍ରିୟଂ ଚ ନ୍ନୈ ବକ୍ତବ୍ୟଂ, ଯଦସତ୍ୟଂ କଥଂ ଚନ ?

ଅର୍ଥାତ୍ ମଣିଷ ସଦା ସତ୍ୟ କହିବା ଉଚିତ, ଏବଂ ଏହି ସତ୍ୟ କଥାକୁ ମଧୁର ଭାବରେ ପ୍ରସ୍ତୁତ କରିବା ଦରକାର । କିନ୍ତୁ ଯଦି କୌଣସି କଥା ମଧୁର ଲାଗେ କିନ୍ତୁ ସେଥିରେ ସତ୍ୟତା ନାହିଁ, ତେବେ ଏମିତି କଥା କହିବା ଉଚିତ ନୁହେଁ ।

ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍, ନ ବ୍ରୂୟାତ୍ ସତ୍ୟମପ୍ରିୟମ୍ ।

ପ୍ରିୟଂ ଚ ନାନୃତଂ ବ୍ରୂୟାତ୍, ଏଷ ଧର୍ମଃ ସନାତନଃ ?

ଅର୍ଥାତ୍ ସତ୍ୟ କହିବା ଉଚିତ, କିନ୍ତୁ ସେଥିରେ ମଧୁରତା ଥିବା ଦରକାର । ଯଦି କୌଣସି ସତ୍ୟ କଥା ଅପ୍ରିୟ (କଠୋର) ହୁଏ, ତେବେ ଏହିପରି କଥାକୁ ଏଡ଼ାଇ ଚାଲିବା ଉଚିତ । ଏକ ମାନବୀୟ ଗୁଣ ହେଉଛି - ମଧୁର କଥା କହିବା, କିନ୍ତୁ କେବେ ମିଥ୍ୟା କହିବା ନୁହେଁ । ଏହି ହେଉଛି ସନାତନ ଧର୍ମର ନୀତି । ମଧୁର ବଚନ ମାନବୀୟ ସମ୍ପର୍କ ସ୍ଥାପନ କରି ବାଣୀ ଦ୍ୱାରା ହୃଦୟ ବିଜୟ କରିଥାଏ । ବୁଦ୍ଧ ଦେବ: ନିଜ ବାଣୀରେ ନିର୍ଦ୍ଦେଶ ଦେଇଥିଲେ- 'ସତ୍ୟ କହ, କିନ୍ତୁ ମଧୁର ଭାବେ କହ ।' କ୍ରିଷ୍ଟ: ପ୍ରେମ ଓ ଦୟାର ବାଣୀ ଦେଇ ମାନବତାର ପ୍ରତୀକ ହୋଇଥିଲେ । ମହାବୀର: ମୌନ ଓ ମଧୁରତା ଦ୍ୱାରା ଜୀବନ ଗଢ଼ିବା ପାଠ ପଢ଼ାଇଥିଲେ ।

ମଧୁର ବଚନ ଏକ ଶିଳ୍ପ ଓ ଏକ ଶିକ୍ଷା- ଯାହାକୁ ଅଭ୍ୟାସ ଓ ନିଷ୍ଠାରେ ଆତ୍ମସାତ କରିବାକୁ ପଡ଼େ । ଆମ ଦେଶ, ସମାଜ ଓ ପରିବାରରେ ଯଦି ସମସ୍ତେ ମଧୁର କଥା କହନ୍ତି, ତେବେ ଏକ ପ୍ରେମମୟ, ସହଯୋଗମୟ ଓ ଶାନ୍ତିମୟ ପରିବେଶ ସୃଷ୍ଟି ହେବ ।

**ଅଧ୍ୟକ୍ଷ**
**ସିଦ୍ଧାର୍ଥ ଡିଗ୍ରୀ ମହା ବିଦ୍ୟାଳୟ ବିନିକା**

## ଆଜିର ଚିନ୍ତନ

ହିଂସାକୁ ପରିତ୍ୟାଗ କରିବାକୁ ଅହିଂସା କୁହାଯାଏ । ଅହିଂସା ତିନି ପ୍ରକାର ଅଟେ । ଅନ୍ୟର ଅନିଷ୍ଟ ଚିନ୍ତା ନ କରିବା ହେଉଛି ମାନସିକ ଅହିଂସା । କଟୁ ବା ମିଥ୍ୟା ବଚନ ଦ୍ୱାରା ଦୁଃଖ ନଦେଇ ମଧୁର ଆଳାପ ଦ୍ୱାରା ଅନ୍ୟକୁ ସୁଖ ଓ ଆନନ୍ଦ ଦେବାକୁ ବଚିକୀ ଅହିଂସା କୁହାଯାଏ । କୌଣସି ପ୍ରାଣୀକୁ ହତ୍ୟା ନ କରିବା କିମ୍ୱା ପ୍ରହାର କରି ଦୁଃଖ ନଦେବାକୁ କାୟିକୀ ଅହିଂସା କୁହାଯାଏ । ଅହିଂସା ଧର୍ମ ପାଳନ ପରମ ପ୍ରାଚୀନ ଅଟେ । ହିନ୍ଦୁ ଧର୍ମର ପ୍ରାମାଣିକ ଏବଂ ମୂଳ ଗ୍ରନ୍ଥ ବେଦରେ ଅହିଂସାର ମହତ୍ତ୍ୱ ବହୁଳ ଭାବେ ବର୍ଣ୍ଣିତ । ମହର୍ଷି ମନୁ କହିଯାଇଥିବା ଦଶ ଧର୍ମ ଲକ୍ଷଣ ମଧ୍ୟରୁ ଅହିଂସା ପ୍ରଥମ ଅଟେ । ଅହିଂସା ଧର୍ମ ପାଳନ କରୁଥିବା ଲୋକ ସର୍ବଦା କାରୁଣିକ ଓ ଦୟାବନ୍ତ ହୋଇଥାନ୍ତି । ମାନବର ଆତ୍ମା ଅହିଂସା ପାଳନ ଦ୍ୱାରା ସୁଖ ଅନୁଭବ କରିବା ସହ ତାର ମନ ସର୍ବଦା ପ୍ରସନ୍ନ ରହିଥାଏ । ଅହିଂସା ପାଳନ ଦ୍ୱାରା ଉତ୍ତମ କର୍ମ କରିବାକୁ ଲୋକମାନେ ସମର୍ଥ ହୋଇଥାନ୍ତି । ସମସ୍ତ କାର୍ଯ୍ୟ ଅହିଂସା ବ୍ରତ ପାଳନ ଦ୍ୱାରା ଅତି ସରଳ ଓ ସହଜରେ ସିଦ୍ଧ ହୋଇଥାଏ । ଏଣୁ ମୁନି ମାନଙ୍କ ଦ୍ୱାରା ଅହିଂସା ପରମ ଧର୍ମ ଭାବେ ସ୍ୱୀକୃତି ଲାଭ କରିଛି । ଭଗବାନ ବୁଦ୍ଧ ଓ ମହାବୀର ଜୈନ ଅହିଂସା ଧର୍ମର ଜଣେ ଜଣେ ପ୍ରବର୍ତ୍ତକ ଥିଲେ । ବୋଧିସତ୍ତ୍ୱ, ଅଶୋକ, ମହାତ୍ମା ଗାନ୍ଧୀ ପ୍ରଭୃତି ଅହିଂସା ଧର୍ମ ପାଳନ ଦ୍ୱାରା ସମସ୍ତ ପୂଜାର ପାତ୍ର ହୋଇପାରିଥିଲେ । ବର୍ତ୍ତମାନ ସୁଦ୍ଧା ସେହି ମହାପୁରୁଷ ମାନେ ଯଶ ରୂପୀ ଶରୀରରେ ବଞ୍ଚି ରହିଛନ୍ତି । କେବଳ ଧାର୍ମିକ କ୍ଷେତ୍ରରେ ଅହିଂସା ଧର୍ମ ପାଳନ ହିତକର ତାହା ନୁହେଁ ବରଂ ରାଜନୀତି କ୍ଷେତ୍ରରେ ମଧ୍ୟ ଅହିଂସା ଧର୍ମ ପାଳନ ହିତକର ଅଟେ । ଏହି ଅମୋଘ ଅସ୍ତ୍ର ଅହିଂସା ଦ୍ୱାରା ହିଁ ଭାରତ ପରାଧୀନ ପାଶରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଛି । ଅହିଂସା ତତ୍ ସନ୍ନିଧୌ ବୈର ତ୍ୟାଗ । ଅହିଂସା ଆଚରଣରେ ବୈର ଭାବ ଦୂର ହୋଇଥାଏ । ପୂର୍ବ କାଳରେ ଋଷି ଆଶ୍ରମ ସମୀପରେ ପରସ୍ପର ଖାଦ୍ୟ ଖାଦକ ଭାବଥିବା ପ୍ରାଣୀମାନେ ଏକତ୍ର ବିଚରଣ କରୁଥିବାର ପ୍ରମାଣ ମିଳେ । ହିଂସା କରିବା ମହାପାପ ଅଟେ । ହିଂସକାରୀକୁ ଭଗବାନ ଦୟା କରନ୍ତି ନାହିଁ । ଏଣୁ ଜୀବେ ଦୟା ନୀତି ପାଳନ ପୂର୍ବକ ହିଂସା ପରିତ୍ୟାଗ କରିବା ବିଧେୟ ।

ସ୍ୱୀକାର

ବର୍ଷ ୨୯, ସଂଖ୍ୟା - ୨୩, ୮ - ୧୪ ଜୁନ୍ ୨୦୨୫

# ନିର୍ବାଚନ ଫଳାଫଳକୁ ବର୍ଷେ ପୁରିଲା

ଓଡ଼ିଶାରେ ଲଗାତାର ୨୪ ବର୍ଷ କ୍ଷମତାରେ ଥିବା ବିଜୁ ଜନତା ଦଳ ଓ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୋଟରମାନେ କ୍ଷମତାଚ୍ୟୁତ କରିଥିଲେ । ସବୁ ଆକଳନ, ପୂର୍ବାନୁମାନକୁ ଭୁଲ୍ ପ୍ରମାଣିତ କରି ବିଜେପି ଏକାକୀ କ୍ଷମତା ଦଖଲ କରିଥିଲା । ବିଜେଡି ମୁଖ୍ୟ ବିରୋଧୀ ଦଳ ଆସନରେ ବସିଲା । କଂଗ୍ରେସ ପୂର୍ବ ପରି ତୃତୀୟ ସ୍ଥାନରେ ରହିଲା ।

ଏହା ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଛି । ରାଜନୈତିକ ଚିତ୍ର ଓ ଚରିତ୍ର ସବୁ ଓଲଟପାଲଟ ହୋଇଯାଇଛି । ଲମ୍ବା ସମୟ ଧରି ବିରୋଧୀ ଦଳରେ ସରକାରଙ୍କ ଖୁଣ ବାଛୁଥିବା ବିଜେପି ହାତରେ ଏବେ ଶାସନର ଡୋରି । ଅନେକ ନବାଗତଙ୍କୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ଚଳାଉଛନ୍ତି ।

ହେଲେ ଯେଉଁ ଦଳର ନେତାମାନେ ନିର୍ବାଚନ ପୂର୍ବରୁ ଏକଜୁଟ୍ ହୋଇଯାଇଥିଲେ ସେହି ନେତାମାନେ ନିର୍ବାଚନ ପରେ ଏମିତି ଖାପଛଡ଼ା ହୋଇଯାଇଛନ୍ତି ଯେ ଦଳର ରାଜ୍ୟ ସଭାପତି କିଏ ହେବେ, ସଂଗଠନ ଦାୟିତ୍ୱ କାହାକୁ ଦିଆଯିବ, କେଉଁ ନିଗମ ଓ ବୋର୍ଡର ଅଧ୍ୟକ୍ଷ ଓ ଉପଦେଷ୍ଟା କିଏ ହେବେ ତାହା ସ୍ଥିର ହୋଇପାରୁନି । ଆହୁରି ୬ ଜଣ ମନ୍ତ୍ରୀ ମନ୍ତ୍ରୀମଣ୍ଡଳରେ ରହି ପାରିବେ କିନ୍ତୁ ୧୨ ମାସ ମଧ୍ୟରେ ତାହା ହୋଇ ପାରି ନାହିଁ । ଫଳତଃ ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କ ହାତରେ ଏକାଧିକ କ୍ଷମତା ରହିଛି । ସରକାରୀ ଓକିଲ ବି ନୂଆ ସରକାର ନିଯୁକ୍ତି ଦେଇପାରିନାହାନ୍ତି । ସବୁରି ମୂଳରେ ରହିଛି ରାଜ୍ୟ ସଭାପତି କିଏ ହେବେ ? ନୂଆ ରାଜ୍ୟ ସଭାପତି ଯିଏ ହେବେ ତାଙ୍କରି ଟିମ୍‌କୁ ନିଯୁକ୍ତି ଦିଆଯିବ ବୋଲି ଦଳୀୟ ନିଷ୍ପତ୍ତି ହୋଇଥିବାରୁ ସବୁ ଏବେ ଅଧାରେ ଅଟକି ରହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଦେଶର ମୋଟ୍ ୩୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୪ଟିରେ ବିଜେପି ନୂଆ ରାଜ୍ୟ ସଭାପତି ଚୟନ କରିସାରିଲାଣି । ହେଲେ ବିଜେପି ସରକାର ଥିବା ଓଡ଼ିଶା ସମେତ ଗୁଜୁରାଟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଏପର୍ଯ୍ୟନ୍ତ ରାଜ୍ୟ ସଭାପତି ଚୟନ ହୋଇପାରୁନି । ମୁଖ୍ୟ ବିରୋଧୀ ଦଳକୁ ଆସି ବିଜେଡି ସରକାରଙ୍କ ଦୋଷ ଦୁର୍ବଳତା କାଢ଼ିବାକୁ ଚେଷ୍ଟା କରୁଛି ସତ, କିନ୍ତୁ ପରାଜୟର ଗ୍ଲାନି ସ୍ପଷ୍ଟ ବାରି ହୋଇପଡୁଛି । ନିର୍ବାଚନରେ ତୃତୀୟ ସ୍ଥାନରେ ଥିଲେ ବି କଂଗ୍ରେସ ନିଜକୁ ପ୍ରଭାବୀ ବିରୋଧୀ ଦଳ କରିବା ପାଇଁ ଉଦ୍ୟମ ଜାରି ରଖିଛି ।

୨୦୨୪ ସାଧାରଣରେ ନିର୍ବାଚନରେ ବିଜେଡିକୁ ଶକ୍ତ ଧକ୍କା ହୋଇଥିଲା । ଅପ୍ରତ୍ୟାଶିତ ଭାବେ ହାତରୁ କ୍ଷମତା ଖସିଯାଇଥିଲା । କ୍ଷମତା ଗଲା ପରେ ବର୍ଷକ ମଧ୍ୟରେ ବିଜେଡିରେ ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି । ନବୀନ ଆଜି ବି ଦଳରେ ସର୍ବେସର୍ବା । ହେଲେ ଦଳ ଓ ସଭାପତିଙ୍କ ଉପରେ ନେତାମାନଙ୍କ ଆସ୍ଥା ଓ ବିଶ୍ୱାସ ଆଗ ଭଳି ନାହିଁ । ବିଜେଡିର ପରାଜୟ ପାଇଁ ତତ୍‌କାଳୀନ ଦ୍ୱିତୀୟ କ୍ଷମତା କେନ୍ଦ୍ର ଭି କେ ପାଣ୍ଡିଆନଙ୍କୁ ସର୍ବାଧିକ ଦାୟୀ କରାଯାଇଥିଲା । ତାଙ୍କର ତ୍ରୁଟିପୂର୍ଣ୍ଣ ରଣନୀତି ଓ ନିଜକୁ ମାତ୍ରାଧିକ ବିଜ୍ଞପିତ କରିବାର ଉଦ୍ୟମ ଯୋଗୁଁ ବିଜେଡି ଲୋକଙ୍କ ଠାରୁ ଦୂରେଇ ଗଲା ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି । ତେବେ ବିଜେଡି କାହିଁକି ନିର୍ବାଚନରେ ଶୋଚନୀୟ ସ୍ଥିତିର ସାମ୍ନା କଲା, ବର୍ଷକ ଭିତରେ ତାହାର ସମୀକ୍ଷା ବି ହେଲା ନାହିଁ । ବିଭିନ୍ନ ପ୍ରସଙ୍ଗରେ ବିଜେଡିର ସ୍ପଷ୍ଟ ଆଭିମୁଖ୍ୟ ନରହିବା ଦଳ ପାଇଁ ବାରମ୍ବାର ଘାତକ ସାବ୍ୟସ୍ତ ହେଉଛି । ୱାକଫ୍ ବିଲ୍‌ରେ ବିଜେଡିର ଦୋମୁହାଁ ନୀତି ବି ଧରାପଡ଼ିଯାଇଛି । କୌଣସି ନା କୌଣସି କାରଣ ପାଇଁ କେନ୍ଦ୍ର ସରକାର ବିରୋଧରେ ବିଜେଡି କଠୋର ଆଭିମୁଖ୍ୟ ନେଇପାରୁନି । ବିଜେପି ସରକାରକୁ ମାତ୍ର ଏକ ବର୍ଷ ହୋଇଥିବାରୁ ବିଜେଡିର ୨୪ ବର୍ଷ ଶାସନ ସହ ତାହାକୁ ତୁଳନା କରିବାକୁ ରାଜନୈତିକ ସମୀକ୍ଷକମାନେ ଉଚିତ ମଣୁ ନାହାନ୍ତି । ତେବେ ସରକାରଙ୍କ କେତୋଟି ଜନହିତକର କାର୍ଯ୍ୟ ଲୋକଙ୍କୁ ଛୁଇଁପାରିଛି । ବିଶେଷ କରି ଧାନର ଏମ୍‌ଏସ୍‌ପି ବୃଦ୍ଧି ଓ ସୁଭଦ୍ରା ଯୋଜନା ବେଶ୍ ପ୍ରଶଂସା ସାଉଁଟିଛି । କିନ୍ତୁ ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ବିଜେପି ନିର୍ବାଚନୀ ସଫଳତା ପାଇଥିଲେ ବି ଏ ଯାଏ ଓଡ଼ିଆ ଅସ୍ମିତା ଜାଗ୍ରତ ହୋଇ ନାହିଁ ବୋଲି ସମୀକ୍ଷକମାନେ ମତ ଦିଅନ୍ତି । ଆହୁରି ମଧ୍ୟ ନିର୍ବାଚନରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବିଜେପିର ଟାର୍ଗେଟରେ ଥିଲେ ଭି କେ ପାଣ୍ଡିଆନ ଓ ତାଙ୍କର ଅଣଓଡ଼ିଆ ଗୋଷ୍ଠୀ । କିନ୍ତୁ ନୂଆ ସରକାର ସେମାନଙ୍କ ବିରୋଧରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି କି ନେବାର ସମ୍ଭାବନା ଦେଖାଯାଉ ନାହିଁ । ବରଂ ପୂର୍ବ ସରକାରରେ ଘନିଷ୍ଠ ଥିବା ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ପଠାଇ ଦିଆଯାଉଛି । ବିଜେଡି ସରକାର ସମୟର କୌଣସି ବଡ଼ ଦୁର୍ନୀତିର ବି ପର୍ଦ୍ଦାଫାଶ ଏ ଯାଏ ହୋଇନାହିଁ । ପୁଣି ବିଜେପିର ରାଜ୍ୟ ସଭାପତି ଚୟନରେ ବିଳମ୍ବ ଓ ଦଳୀୟ ନେତାମାନଙ୍କୁ ସରକାରୀ ପଦପଦବିରେ ଥଇଥାନ କରା ନ ଯିବା ଯୋଗୁ ଦଳ ଓ ସରକାରଙ୍କ ଭିତରେ ବ୍ୟବଧାନ ବଢୁଥିବାର ଲକ୍ଷ୍ୟ କରାଯାଉଛି ।

ବର୍ଷକ ଭିତରେ କଂଗ୍ରେସ ନିଜକୁ ସଜାଡ଼ିବାକୁ ଯଥାସମ୍ଭବ ଉଦ୍ୟମ କରୁଥିବା ଲୋକ ଅନୁଭବ କଲେଣି । ଏହା ମଧ୍ୟରେ ପିସିସି ସଭାପତି ଭାବେ ଅଭିଜ୍ଞ ନେତା ଭକ୍ତଚରଣ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି । ସେ ତାଙ୍କ ଟିମ୍ ଗଢ଼ିବା ବି ଆରମ୍ଭ କରିଛନ୍ତି । ବିଧାନସଭା ଭିତରେ ଓ ବାହାରେ କଂଗ୍ରେସର ପ୍ରଦର୍ଶନ ଅପେକ୍ଷାକୃତ ପ୍ରଭାବୀ ରହିଛି । ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ପ୍ରତି ଦଳ କଠୋର ଆଭିମୁଖ୍ୟ ନେଉଥିବା ଦେଖିବାକୁ ମିଳିଛି । କିନ୍ତୁ ତୃଣମୂଳ ସ୍ତରରେ କଂଗ୍ରେସକୁ ସଜାଡ଼ିବା ପର୍ବ ଏ ଯାଏ ଆରମ୍ଭ ହୋଇ ନାହିଁ । ସବୁବେଳେ ଗୋଷ୍ଠୀକନ୍ଦଳରେ ଜର୍ଜରିତ ଥିବା କଂଗ୍ରେସ ଏବେ ଅପେକ୍ଷାକୃତ ଶାନ୍ତ ଅଛି । ପିସିସି ସଭାପତିଙ୍କ ନୂଆ ଟିମକୁ ନେଇ କାଁ ଭାଁ ଅସନ୍ତୋଷ ଦେଖାଦେଇ ଥିଲେ ବି ତାହା ଦଳକୁ କ୍ଷତି କଲା ପରି ସ୍ଥିତି ସୃଷ୍ଟି କରି ନାହିଁ । ତେଣୁ ଗୋଷ୍ଠୀକନ୍ଦଳକୁ ନିୟନ୍ତ୍ରଣ କରି ପିସିସି ସଭାପତି କିପରି ସଂଗଠନକୁ ମଜଭୂତ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।



# ଯନ୍ତ୍ରର ସ୍ଥାନ

## ମହାତ୍ମା ଗାନ୍ଧୀ

**ଯ**ନ୍ତ୍ରର ଏକ ସ୍ଥାନ ଅବଶ୍ୟ ରହିଛି ଏବଂ ରହିଥିବ । ମାତ୍ର, ଆବଶ୍ୟକ ମାନବାଶ୍ରମର ଏକ ସ୍ଥାନାପନ୍ନଭାବେ ଏହାକୁ ଆଦୌ ବ୍ୟବହାର କରାଯିବା ଉଚିତ ନୁହେଁ ।

ଏକ ଉନ୍ନତ ଲଙ୍ଗଳ ଗୋଟିଏ ଉତ୍ତମ ବସ୍ତୁ । ମାତ୍ର ଯଦି କୌଣସି ସଂଯୋଗବଶତଃ ଜଣେ ବ୍ୟକ୍ତି କୌଣସି ଯାନ୍ତ୍ରିକ ଉଦଭାବନର ବଳରେ ଭାରତବର୍ଷର ସବୁଯାକ ଭୂମିକୁ ହଳ କରିଦେଇ ପାରିବ ଏବଂ ସମୁଦାୟ କୃଷି ଉତ୍ପାଦନକୁ ନିଜ ନିୟନ୍ତ୍ରଣରେ ନେଇ ରଖିବ ଏବଂ ଯଦି କୋଟି କୋଟି ଜନଗଣଙ୍କର ଅନ୍ୟ କୌଣସି ବେଉସା ନ ଥିବ, ତେବେ ସେମାନେ ଉପବାସରେ ରହିବେ ତଥା କାମ ନ ଥିବାରୁ କେବଳ ମନ୍ଦମତି ହୋଇ ବସିବେ । ଅନେକ ବ୍ୟକ୍ତି ତ ତାହାହିଁ ହୋଇ ସାରିଲେଣି । ଆହୁରି ବହୁସଂଖ୍ୟକ ବ୍ୟକ୍ତି ସେହି ଅବାଞ୍ଛନୀୟ ସ୍ଥିତିରେ ଯାଇ ପଡିଯିବାର ପ୍ରାୟ ପ୍ରତି ଘଣ୍ଟାରେ ଏକ ବିପଦ ରହିଛି ।

କୁଟୀରଶିଳ୍ପରେ ବ୍ୟବହୃତ ହେଉଥିବା ଯେକୌଣସି ଯନ୍ତ୍ରରେ ମୁଁ ଅବଶ୍ୟ ଯାବତୀୟ ପ୍ରକାରର ଉନ୍ନତିକୁ ସ୍ୱାଗତ କରିବି । ମାତ୍ର ମୁଁ ଭଲ କରି ଜାଣିଛି ଯେ, କୋଟି କୋଟି କୃଷିଜୀବୀଙ୍କୁ ସେମାନଙ୍କ ନିଜ ଘରେ କୌଣସି ବିକଳ୍ପ ଧନ୍ଦା ଯୋଗାଇ ନ ଦେଇ ବିଦ୍ୟୁତଚାଳିକା ତାକୁଡିର ପ୍ରବର୍ତ୍ତନ କରି ହାତଦ୍ୱାରା କରା ଯାଉଥିବା ଶ୍ରବକୁ ବନ୍ଦ କରିଦେଲେ ତାହା ପ୍ରକୃତରେ ଅପରାଧ ହିଁ ହେବ ।

ସମସ୍ତଙ୍କର କଲ୍ୟାଣ ନିମନ୍ତେ ବିଜ୍ଞାନରେ ଯେତେ ଯାହା ଉଦଭାବନ ହେବ, ମୁଁ ତାହାର ନିଶ୍ଚୟ ପ୍ରଶଂସା କରିବି । ମାତ୍ର ଉଦଭାବନ ଓ ଉଦଭାବକ ମଧ୍ୟରେ ଏକ ଫରକ ସର୍ବଦା ରହିଛି । ଥରକରେ ବହୁସଂଖ୍ୟକ ବ୍ୟକ୍ତିକୁ ସଂଜ୍ଞାହୀନ କରି ମାରି ଦେଉଥିବା ବାଷ୍ପଗୁଡିକ ପାଇଁ ମୁଁ ଆଦୌ ଗ୍ରହଣ ଦେଖାଇବି ନାହିଁ । ସାଧାରଣ ପ୍ରୟୋଜନରେ ଲାଗୁଥିବା ଭାରୀ ଯନ୍ତ୍ରପାତିର ମନୁଷ୍ୟ ତା' ନିଜ ଶ୍ରମରେ କରି ନ ପାରୁଥିବା କ୍ଷେତ୍ରଗୁଡିକର ଏକ ଅନିବାର୍ଯ୍ୟ ସ୍ଥାନ ଅବଶ୍ୟ ରହିଛି । ମାତ୍ର, ରାଷ୍ଟ୍ର ହିଁ ସେହିସବୁର ମାଲିକ ହୋଇରହିବ ଏବଂ ସଂପୂର୍ଣ୍ଣଭାବେ ଲୋକମାନଙ୍କର ଉପକାର ସକାଶେ ହିଁ ସେଗୁଡିକର ବ୍ୟବହାର ହେବ ।

ଆମର ଏହି ଯୁଗକୁ ଯନ୍ତ୍ରର ଯୁଗ ବୋଲି କୁହାଯାଇଛି । କାରଣ ଯନ୍ତ୍ର ହିଁ ଆମର ଅର୍ଥନୀତିକୁ ପ୍ରଭାବଶାଳୀ ଭାବରେ ରୂପ ଦେଉଛି । ଗୋଟିଏ ଯନ୍ତ୍ର କହିଲେ ଆମେ କ'ଣ ବୁଝିବା ? ହୁଏତ ଏପରି ଗୋଟିଏ ପ୍ରଶ୍ନ ପଚରା ଯାଇପାରେ । ଗୋଟିଏ ଅର୍ଥରେ ଦେଖିଲେ ମଣିଷକୁ ହିଁ ଏହି ସୃଷ୍ଟିର ସବୁଠାରୁ ଅଧିକ ଚମତ୍କାର ଯନ୍ତ୍ର ବୋଲି କୁହାଯିବ । ଏହାର ଯୋଡ଼ା ତିଆରି କରାଯାଇ ପାରିବ ନାହିଁ କିମ୍ବା ନକଲ ମଧ କରିହେବ ନାହିଁ । ଅବଶ୍ୟ ଏଠାରେ ଶବ୍ଦଟିର ପ୍ରଶସ୍ତତର ଅର୍ଥରେ ମୁଁ ତାହାକୁ ବ୍ୟବହାର କରିନାହିଁ, ମୁଁ ତାହାକୁ ପ୍ରୟୋଗ କରା ଯାଇଥିବା ଏପରି ଏକ ସାଧନରୂପେ ବ୍ୟବହାର କରିଛି, ଯାହାକି ମନୁଷ୍ୟ ଅଥବା ପଶୁର ଶ୍ରମର ପରିପୂରକରୂପେ କାର୍ଯ୍ୟ ନକରି ବା ତାହାର ଶକ୍ତିରେ ବୃଦ୍ଧି ସାଧନ ନକରି ତାହାର ବିକଳ୍ପ ହେବାର ପ୍ରବୃତ୍ତି ରଖିଥାଏ ।

ଆମର ଏହି ଯୁଗକୁ ଯନ୍ତ୍ରର ଯୁଗ ବୋଲି କୁହାଯାଇଛି, କାରଣ ଯନ୍ତ୍ର ହିଁ ଆମର ଅର୍ଥନୀତିକୁ ପ୍ରଭାବଶାଳୀଭାବରେ ରୂପ ଦେଉଛି । "ଗୋଟିଏ ଯନ୍ତ୍ର କହିଲେ ଆମେ କ'ଣ ବୁଝିବା ?"- ହୁଏତ ଏପରି ଗୋଟିଏ ପ୍ରଶ୍ନ ପଚରା ଯାଇପାରେ । ଗୋଟିଏ ଅର୍ଥରେ ଦେଖିଲେ, ମଣିଷକୁ ହିଁ ଏହି ସୃଷ୍ଟିର ସବୁଠାରୁ ଅଧିକ ଚମତ୍କାର ଯନ୍ତ୍ର ବୋଲି କୁହାଯିବ ।

ଏହାର ଯୋଡ଼ା ତିଆରି କରାଯାଇ ପାରିବ ନାହିଁ କିମ୍ବା ନକଲ ମଧ କରିହେବ ନାହିଁ । ଅବଶ୍ୟ ଏଠାରେ ଶବ୍ଦଟିର ପ୍ରଶସ୍ତତର ଅର୍ଥରେ ମୁଁ ତାହାକୁ ବ୍ୟବହାର କରିନାହିଁ, ମୁଁ ତାହାକୁ ପ୍ରୟୋଗ କରା ଯାଉଥିବା ଏପରି ଏକ ସାଧନରୂପେ ବ୍ୟବହାର କରିଛି, ଯାହାକି ମନୁଷ୍ୟ ଅଥବା ପଶୁର ଶ୍ରମର ପରିପୂରକ ରୂପେ କାର୍ଯ୍ୟ ନକରି ବା ତାହା ଶକ୍ତିରେ ବୃଦ୍ଧିସାଧନ ନକରି ତାହାର ବିକଳ୍ପ ହେବାର ପ୍ରବୃତ୍ତି ରଖିଥାଏ ।

ଏହା ହେଉଛି ଯନ୍ତ୍ରର ସର୍ବପ୍ରଥମ ଭେଦ ଦର୍ଶାଇ ଦେଉଥିବା ଲକ୍ଷଣ । ଏହାର ଦ୍ୱିତୀୟ ଲକ୍ଷଣ ହେଉଛି ଯେ ତାହାର ଅଭିବୃଦ୍ଧି ଅଥବା ବିବର୍ତ୍ତନରେ ଆଦୌ କୌଣସି ସୀମା ନ ଥାଏ । ମନୁଷ୍ୟର ଶ୍ରମକ୍ଷେତ୍ରରେ ଆଦୌ ଏକଥା କହିହେବ ନାହିଁ । ଏପରି ଗୋଟିଏ ସୀମା ସର୍ବଦା ରହିଥାଏ, ଯାହା ସେ ପାଖକୁ ଏହାର ସାମର୍ଥ୍ୟ ଅର୍ଥାତ୍ ଯନ୍ତ୍ରଗତ ଦକ୍ଷତା ଆଦୌ ଯାଇପାରେ ନାହିଁ । ଏହି ପରିସ୍ଥିତିରୁ ହିଁ ଯନ୍ତ୍ରର ଲକ୍ଷଣଟି ଅବଧାରିତ ହୋଇଥାଏ ।

ଏହାର ସତେ ଅବା ଏକ ବିଶିଷ୍ଟ ଇଚ୍ଛା ବା ସ୍ୱଭାବ ଥିବାପରି ବୋଧ ହୋଇଥାଏ । ଏହା ମନୁଷ୍ୟଶ୍ରମର ପରିପନ୍ଥୀ ହୋଇଥାଏ । ଏହିପରି ଭାବରେ ତାହା ମନୁଷ୍ୟକୁ ନିକାଲି ବାହାର କରିଦେବାର ପ୍ରବୃତ୍ତି ରଖିଥାଏ, ଗୋଟିଏ ଯନ୍ତ୍ର ହଜାରେ ନହେଲେ ମଧ ଶହେ ଜଣ ମନୁଷ୍ୟଙ୍କର କାମ କରିଦିଏ । ଏହି ଲୋକମାନେ ଆଦୌ କୌଣସି ଧନ୍ଦା ନ ଥିବା ଅଥବା ଆଂଶିକ ଭାବରେ ଧନ୍ଦା ରହିଥିବା ମନୁଷ୍ୟମାନଙ୍କର ପଲକୁ ଅଧିକରୁ ଅଧିକ ବଡ଼ କରିବାରେ ଲାଗିଥାନ୍ତି । ଏପରି ହେବା କାମ୍ୟ ବୋଲି ଯେ ତାହା ସେପରି କରେ ସେକଥା ନୁହେଁ, ମାତ୍ର ତାହା ହିଁ ତା'ର ବିଧାନ ହୋଇଥିବାରୁ ହିଁ ସେପରି ଘଟିଥାଏ । ଆମେରିକାରେ ଏହି ପ୍ରବୃତ୍ତି ସମ୍ଭବତଃ ତାହାର ସର୍ବୋଚ୍ଚ ସୀମାରେ ଆସି ପହଞ୍ଚିଗଲାଣି ।

ମୁଁ ଯେ ଆଜିଠାରୁ ଏହାର ବିରୋଧ କରୁଛି ତାହା ଆଦୌ ନୁହେଁ, ମାତ୍ର ଏପରିକି ୧୯୦୮ ମସିହା ପୂର୍ବରୁ ମଧ ମୁଁ ଯେତେବେଳେ ଦକ୍ଷିଣ ଆଫ୍ରିକାରେ ଥିଲି ଓ କେତେ କେତେ ଯନ୍ତ୍ରଦ୍ୱାରା ବେଷ୍ଟିତ ହୋଇ ରହିଥିଲି, ସେତେବେଳେ ବି ତାହାର ବିରୋଧ କରିଥିଲି । ଯନ୍ତ୍ରଗୁଡିକ ଯେ ହୁ ହୁ ହୋଇ ଆଗକୁ ମାଡ଼ି ଚାଲିଛନ୍ତି,ତାହା ଯେ ମୋ' ମନରେ ସେଗୁଡିକ ପ୍ରତି ଆଦୌ କୌଣସି ଶ୍ରଦ୍ଧାର ଉଦ୍ରେକ କରି ନ ଥିଲା ତାହା ନୁହେଁ, ତାହା ମୋ' ଭିତରେ ପ୍ରକୃତରେ ଏକ ଘୃଣା ମଧ ଉତ୍ପନ୍ନ କରିଥିଲା । ଠିକ୍ ସେତିକିବେଳେ ମୁଁ ବୁଝିବାକୁ ଆରମ୍ଭ କରିଥିଲି ଯେ, କୋଟି କୋଟି ମନୁଷ୍ୟଙ୍କୁ ଦବାଇ ରଖିବାକୁ ଓ ଶୋଷଣ କରିବାକୁ ହେଲେ, ଯନ୍ତ୍ରଠାରୁ ଅଧିକ ପରାକ୍ରମଶାଳୀ ରାକ୍ଷସ ଆଉ କେଉଁଠି ହେଲେ ମିଳିବ ନାହିଁ ଏବଂ ଯଦି ଗୋଟିଏ ଗୋଟିଏ ସାମାଜିକ ଏକକରୂପେ ମନୁଷ୍ୟମାନଙ୍କୁ ସମାନ ହୋଇ ରହିବାକୁ ହୁଏ, ତେବେ ମନୁଷ୍ୟର ଅର୍ଥନୀତିରେ ତାହାର ଆଦୌ କୌଣସି ସ୍ଥାନ ରହିବା ଉଚିତ ନୁହେଁ । ମୋ'ର ବିଶ୍ୱାସ ଯେ, ମନୁଷ୍ୟର ଭାବମୂର୍ତ୍ତିକୁ ବଢ଼ାଇବାରେ ଯନ୍ତ୍ର ଆଦୌ କୌଣସି ସାହାଯ୍ୟ କରିନାହିଁ ଏବଂ ତାହା କେବେହେଲେ ପୃଥିବୀର କୌଣସି ସେବା କରିବ ନାହିଁ ଓ ଯଦି ତାହାକୁ ତା'ର ଉପଯୁକ୍ତ ସ୍ଥାନରେ ଆୟତ୍ତ କରି ରଖା ନ ଯାଏ, ତେବେ ତାହା ପୃଥିବୀକୁ ଭାଙ୍ଗି ଖଣ୍ଡ ଖଣ୍ଡ କରିଦେବ ।

ତା' ପରେ ଥରେ ରେଳଗାଡିରେ ଡରବାନକୁ ଯାଉଥିବା ବାଟରେ ମୁଁ ରସ୍କିନଙ୍କର 'ଅନଟୁ ଦିସ୍ ଲାଷ୍ଟ' ପୁସ୍ତକଟିକୁ ପଢ଼ିଥିଲି, ପୁସ୍ତକଟି ସଙ୍ଗେ ସଙ୍ଗେ ମୋତେ ତା' ପ୍ରଭାବ ଭିତରେ ନେଇ ପକାଇଦେଲା । ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରିଲି ଯେ, ଯଦି ମନୁଷ୍ୟ ଜାତିକୁ ଅଗ୍ରଗତି କରିବାକୁ ହୁଏ ଏବଂ ସମାନତା ତଥା ଭ୍ରାତୃତ୍ୱର ଆଦର୍ଶଗୁଡିକୁ ହାସଲ କରିବାକୁ ହୁଏ, ତେବେ ତାହାକୁ ଏହି ପୁସ୍ତକଟିରେ ବୟାନ କରା ଯାଇଥିବା ନୀତିଟିକୁ ଗ୍ରହଣ କରିବାକୁ ପଡିବ । ମାନବ ଜାତିକୁ ମୂକ, ଅସମର୍ଥ ଓ ଖଞ୍ଜକୁ ମଧ ଆପଣା ସାଙ୍ଗରେ ନେବାକୁ ପଡିବ । ଧର୍ମରାଜ ଯୁଧିଷ୍ଠିର ନିଜର ବିଶ୍ୱାସ କୁକୁରକୁ ସାଙ୍ଗରେ ନନେଇ ସ୍ୱର୍ଗରେ ପ୍ରବେଶ କରିବାକୁ ଅସମ୍ମତି ପ୍ରକାଶ କରି ନ ଥିଲେ କି ?" ବର୍ତ୍ତମାନ ଭାରତବର୍ଷ ଉପରେ ପାଶ୍ଚାତ୍ୟ ଯନ୍ତ୍ରବ୍ୟବସ୍ଥାର ଏତେ ଅଧିକ ପରିମାଣରେ ଆକ୍ରମଣ ଆରମ୍ଭ ହୋଇ ଗଲାଣି ଯେ, ସଫଳତାର ସହିତ ତାହାର ଗତିରୋଧ କରିବା ଭାରତବର୍ଷ ପକ୍ଷରେ ପ୍ରାୟ ଏକ ଅଲୌକିକ ଘଟଣା ଘଟିବା ପରି ହିଁ ହେବ ।

# ଅଙ୍କୁରିତ ଖାଦ୍ୟ ଶରୀର ପାଇଁ ଉପକାରୀ



ଏବର ଯୁବପିଢ଼ି ଫାଷ୍ଟଫୁଡ଼ ଓ ସୁଆଦିଆ ବ୍ୟଞ୍ଜନର ଲାଳସାରେ ଶରୀର ପାଇଁ ଉପଯୁକ୍ତ ଖାଦ୍ୟ ପ୍ରତି ଦୃଷ୍ଟି ଦେଉନାହାନ୍ତି । ବିଶେଷଜ୍ଞଙ୍କ ମତରେ ଦୈନିକ ସକାଳ ସନ୍ଧ୍ୟାରେ ଅଙ୍କୁରିତ ଖାଦ୍ୟ ଖାଇବା ଶରୀର ପାଇଁ ଉପକାରୀ । ଅଙ୍କୁରିତ ଖାଦ୍ୟ ଯେପରି ଗଜା ବୁଟ, ମୁଗରେ ଭିଟାମିନ୍ ଇ ପ୍ରଚୁର ପରିମାଣରେ ଥାଏ । ଏହା ତ୍ୱଚା ଓ କେଶକୁ ଉତ୍ତମ ପୋଷଣ ଯୋଗାଉଥିବା ପ୍ରକାଶ । ବୃକ୍କକୁ ଏସବୁ ଖାଦ୍ୟ ଶକ୍ତି ଯୋଗାଇଥାଏ । ଅଙ୍କୁରିତ ଖାଦ୍ୟରେ ଭିଟାମିନ୍ ଓ ପ୍ରୋଟିନ୍ ପ୍ରଚୁର ପରିମାଣରେ ରହିଥିବାରୁ ତାହା ହାଡ଼କୁ ମଜଭୁତ୍ କରେ । ଏସବୁ ଖାଦ୍ୟରେ ମାତ୍ରାଧିକ ଫାଇବର ଥିବାରୁ ତାହା ହଜମ ପ୍ରକ୍ରିୟା ଉତ୍ତମ କରେ । ଦୈନିକ ଏହା ଖାଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ । ଅଙ୍କୁରିତ ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ବି, ସି ଥିବାରୁ ପ୍ରତ୍ୟେକ ବର୍ଗର ଲୋକେ ଦୈନିକ ଏହା ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।

## ସର୍ବେଦ




**ତଓ୍ୱ ଛବି ଝୁଁସୀ ଉର ବସେ, ଜବ ସୁଧି ଉଠତ ମିମୋର ।**
**ବ୍ୟାକୁଲ ଦୁଖିତ ଓ୍ୱିୟୋଗ ମେଁ, ମୈଁ ଅଧୀନ ଜନ ତୋର ॥୧୨॥**

ଭାଷ୍ୟ - ଝୁଁସୀ ଗୁମ୍ଫାରେ ଆପଣଙ୍କ ଦର୍ଶନର ଛବି ହୃଦୟରେ ବସି ଯାଇଛି । ଯେତେବେଳେ ତାକୁ ଚେତନା ଆସେ, ସେତେବେଳେ ଅନ୍ତର ଭିତରେ ବେଦନା ହେବାରେ ଲାଗେ ଆଉ ମୁଁ ଆପଣଙ୍କର ଅଧୀନ ସେବକ ଆପଣଙ୍କର ବିୟୋଗରେ ଦୁଃଖିତ ହୋଇ ବ୍ୟାକୁଳ ହୋଇ ଉଠେଁ ।

**ମୁଖ ସେ କ୍ୟା ଓ୍ୱନ୍ଦନ କରୁଁ, ଉର ଜାନତ ତୁମ ନାଥ ।**
**ଫିର ଜନ ଦର୍ଶନ ଦୀଜିୟେ, ଆରତ ଦୀନ ସନାଥ ॥୧୩॥**

ଭାଷ୍ୟ - ମୁଖରେ ଆପଣଙ୍କର କଣ ବିନତୀ କରିବି ? ହେ ନାଥ ! ଆପଣ ମୋର ହୃଦୟର ସମସ୍ତ ଭାବକୁ ଜାଣନ୍ତି, ମୋତେ ଆସି ଦର୍ଶନ ଦିଅନ୍ତୁ ଯେ ମୁଁ ଦୁଃଖୀ ଏବଂ ଦୀନ ସେବକ ସ୍ୱାମୀଯୁକ୍ତ ହୋଇଯାଏଁ ।

**ଜଗ ମେଁ ଶିଷ୍ୟ ଅନେକ ହେଁ, ଆପ ଶିଷ୍ୟ ମୈଁ ଏକ ।**
**ମନ ଓ୍ୱଚ କାୟା ଶରଣ ହୂଁ, ଦର୍ଶନ ୟହ ମନ ଟେକ ॥୧୪॥**

ଭାଷ୍ୟ - ହେ ଗୁରୁଦେବ ! ଆପଣଙ୍କର ସଂସାରରେ ଆପଣଙ୍କର ଶିଷ୍ୟ ଅଛନ୍ତି ଆଉ ସେମାନଙ୍କ ମଧ୍ୟରେ ମୁଁ ଆପଣଙ୍କର ଜଣେ ଶିଷ୍ୟ ଅଟେ । ମନ, ବଚନ ଏବଂ କାୟାରେ ଆପଣଙ୍କର ଶରଣରେ ସମର୍ପିତ । ଆପଣଙ୍କର ଦର୍ଶନ ପୁଣି ହେଉ ଏହି ସଦିଚ୍ଛା ମୋର ସଂକଳ୍ପ ଅଟେ ।

**ଦୁଖ ସାଗର ମେଁ ବୂଡ଼ତା, ସୁଧି ଲୀଜେ ଜନ ଆୟ ।**
**ଅବ ଓ୍ୱିଲମ୍ବ ନହିଁ କୀଜିୟେ, ବାହ ପକଡ଼ ଜନ ଧାୟ ॥୧୫॥**

ଭାଷ୍ୟ - ହେ ଗୁରୁଦେବ ! ମୁଁ ଦୁଃଖସାଗରରେ ବୁଡ଼ି ଯାଉଛି । ଆପଣ ଆସି ମୋର ଯତ୍ନ ନିଅନ୍ତୁ, ଆଉ ବିଳମ୍ବ କରନ୍ତୁ ନାହିଁ ବରଂ ଦୌଡ଼ି ଆସି ମୋର ବାହୁକୁ ଧରି ନିଅନ୍ତୁ ।

**ଅଜ ଅତ୍ରିୟ ଜ୍ୟୋତିୟ ଭନେ, ସନ୍ତ ଅମାନଓ୍ୱ ଦେଓ୍ୱ ।**
**କଓ୍ୱି ମୁନିନ୍ଦ୍ର କରୁଣାମୟ, ନିତ୍ୟ ଗୁରୁ ସୁକୃତଦେଓ୍ୱ ॥୧୬॥**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ ସୁକୃତଦେବଙ୍କୁ ଅଜ, ଅତ୍ରି, ଜ୍ୟୋତି, ସନ୍ଥ, ଅମାନବ, ଦେବ, କବି, ମୁନିନ୍ଦ୍ର ତଥା କରୁଣାମୟ ବୋଲି ଆଖ୍ୟାୟିତ କରାଯାଏ ।

**ଶରଣ ଶରଣ ମୈଁ ଶରଣ ହୂଁ, ହେ ଗୁରୁ ଓ୍ୱନ୍ଦୀଛୋର ।**
**ମୋହି ଉବାରୋ ହେ ଗୁରୋ, ୟହ ସୌ ବାର ନିହୋର ॥୧୭॥**

ଭାଷ୍ୟ - ହେ ସଦ୍‌ଗୁରୁ ଭବ ବନ୍ଧନର ମୁକ୍ତିଦାତା ! ମୁଁ କାୟମନୋବାକ୍ୟରେ ଆପଣଙ୍କର ଚରଣାଶ୍ରିତ । ହେ ଗୁରୁଦେବ । ମୋତେ ଏଇ ଭବସାଗରରୁ ଉଦ୍ଧାର କରନ୍ତୁ । ଏଥି ନିମନ୍ତେ ଆପଣଙ୍କୁ ମୋର ସହସ୍ର ବାର ବିନତୀ ।

**ଜନ ଅଧୀନ ଓ୍ୱନ୍ଦନ କରେଁ, କେହି ଓ୍ୱିଧି କୀଜେ ସେଓ୍ୱ ।**
**ଓ୍ୱାର ପାର କୀ ଗମ ନହୀଁ, ନମୋ ନମୋ ଗୁରୁଦେଓ୍ୱ ॥୧୮॥**

ଭାଷ୍ୟ - ମୁଁ ଆପଣଙ୍କର ଶରଣାଗତ, ଅଧୀନ ସେବକ କେଉଁ ପ୍ରକାରେ ଆପଣଙ୍କର ସେବା, ବନ୍ଦନା କରିବି ? ଆପଣଙ୍କର ମହିମା ଅପରମ୍ପାର ଅଟେ । ସେଥିପାଇଁ ହେ ଗୁରୁଦେବ ! ଆପଣଙ୍କୁ ନମସ୍କାର କରୁଛି । ନମସ୍କାର କରୁଛି ।

**ସାହେବ ସଦ୍‌ଗୁରୁ ଏକ ହେଁ, ଭେଦ ଭାଓ୍ୱ ଜନି ମାନ ।**
**ବ୍ୟକ୍ତ ରୂପ ଦର୍ଶନ ମିଲୈ, ଦୈ ଶିକ୍ଷା ତତ୍ତ୍ୱ ଜ୍ଞାନ ॥୧୯॥**

ଭାଷ୍ୟ - ପରମ ପ୍ରଭୁ ଏବଂ ସଦ୍‌ଗୁରୁ ଏକ ସମାନ ଅଟନ୍ତି, ଉଭୟଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଅବ୍ୟକ୍ତ ସତ୍‌ପୁରୁଷଙ୍କର ବ୍ୟକ୍ତରୂପ ସଦ୍‌ଗୁରୁ ଅଟନ୍ତି । ସେହି ବ୍ୟକ୍ତରୂପର ଦର୍ଶନ ହୋଇଥାଏ, ଯାହା ଦ୍ୱାରା ସଂସାରକୁ ଶିକ୍ଷା ଓ ତତ୍ତ୍ୱଜ୍ଞାନ ପ୍ରାପ୍ତହୁଏ । ସଦ୍‌ଗୁରୁ ଦ୍ୱାରା ଆଧ୍ୟାତ୍ମର ସମସ୍ତ ତତ୍ତ୍ୱ ବୋଧ ହୋଇଥାଏ । ସାଧନା, ଯୋଗ ବିଜ୍ଞାନରେ ସଦ୍‌ଗୁରୁଙ୍କର ସ୍ୱରୂପ ଦ୍ୱାରା ତାଙ୍କର ନିରୋଧରେ ଅବ୍ୟକ୍ତ ସତ୍ତାର ଦର୍ଶନ ହୋଇଥାଏ । ସଦ୍‌ଗୁରୁ ଦ୍ୱାରା ହିଁ ଅବ୍ୟକ୍ତ ପରମ ପୁରୁଷଙ୍କର ପ୍ରାପ୍ତି ହୋଇଥାଏ ।

## ବହୁ ଲାଭକାରୀ ଅଶ୍ୱତ୍ଥ ପତ୍ର



ଅଶ୍ୱତ୍ଥ ଗଛ ଲିଭର ରୋଗୀଙ୍କ ପାଇଁ ବହୁତ ଭଲ । ଯେଉଁ ଲୋକମାନଙ୍କର ଲିଭର ସମ୍ବନ୍ଧିତ ରୋଗ ରହିଛି ସେମାନେ ୩-୪ ଟି ତାଜା ଅଶ୍ୱତ୍ଥ ପତ୍ରକୁ ନେଇ ଶୁଖାଇ ସେଥିରେ ଚିନି କିମ୍ବା ମିଶ୍ରି ମିଶାଇ ପାଉଡର ପ୍ରସ୍ତୁତ କରନ୍ତୁ । ଏହି ପାଉଡରକୁ ୨୫୦ ମିଲିଗ୍ରାମ ପାଣିରେ ମିଶାଇ ୫ ଦିନ ଯାକ ପିଅନ୍ତୁ, ନିଶ୍ଚିତ ଲାଭ ମିଳିବ । ଏହା ହଳଦିଆ କାମଳ ରୋଗୀଙ୍କ ପାଇଁ ବହୁତ ଭଲ । ଅଶ୍ୱତ୍ଥ ପତ୍ର ରକ୍ତ ସଫା କରିବାରେ ସହାୟକ ହୋଇଥାଏ । ଏଥିପାଇଁ ୧-୨ ଗ୍ରାମ ଅଶ୍ୱତ୍ଥ ପତ୍ର ପାଉଡରକୁ ମହୁରେ ମିଶାଇ ପ୍ରତିଦିନ ଦୁଇଥର ଖାଆନ୍ତୁ । ଏହା ରକ୍ତ ସଫା କରିବ । ଯଦି ଆପଣଙ୍କ ଦାନ୍ତ ବିନ୍ଧୁଛି ଅଶ୍ୱତ୍ଥ ଗଛର ଛାଲିକୁ ପାଣିରେ ସିଝାଇ ସେହି ପାଣିରେ କୁଳିକଲେ ଦାନ୍ତ ବିନ୍ଧା କମ୍ ହୋଇଯାଏ । ପ୍ରତିଦିନ ୫-୧୦ ଟି ଅଶ୍ୱତ୍ଥ ଫଳକୁ ଖାଇଲେ କବ୍‌ଜ ରୋଗରୁ ମୁକ୍ତି ମିଳିଥାଏ । ଯଦି ପେଟ କାଟୁଛି ଆପଣ ୨-୫ ଟି ପତ୍ରକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏଥିରେ ୫୦ ଗ୍ରାମ ଗୁଡ ମିଶାଇ ଏହି ମିଶ୍ରଣରେ ଛୋଟ ଛୋଟ ଗୁଳି ପ୍ରସ୍ତୁତ କରି ଦିନରେ ୩-୪ ଥର ଖାଆନ୍ତୁ । ଏହା ପେଟ କାଟିବା କମାଇଦେବ । ରେଗୁଲାର ୪-୫ ଟି କଅଁଳିଆ ଅଶ୍ୱତ୍ଥ ପତକୁ ଚୋବାଇବା ଦ୍ୱାରା ସ୍କିନ୍ ସମ୍ବନ୍ଧିତ ସମସ୍ୟା ଦୂର ହୋଇଥାଏ ତଥା ଆହୁରି କିଛି ରୋଗ ପାଇଁ ମଧ ଏହା ଭଲ ।

## ଟିକିଏ ହସନ୍ତୁ

ଭିକାରୀ : ଆଜ୍ଞା ଆଗରୁ ଶହେ ଟଙ୍କା ଦେଉଥିଲେ, ତା' ପରେ ପଚାଶ ଟଙ୍କା, ପଚିଶ ଟଙ୍କା ଆଉ ଏବେ ଦଶଟଙ୍କା ଦଉଛନ୍ତି ?

ଘର ମାଲିକ : ଆଗରୁ ବାହା ହୋଇନଥିଲି ଶହେ ଦେଉଥିଲି, ବାହାହେବା ପରେ ପଚାଶ, ପିଲାଟିଏ ହେବାପରେ ପଚିଶ ଏବଂ ଆଉ ଗୋଟିଏ ପିଲା ହେବାପରେ ଏବେ ଦଶଟଙ୍କା ଦେଉଛି ।

ଭିକାରୀଟି ଏବେ ହିସାବ କରୁଛି ଆଗକୁ କ'ଣ କରିବ ।

× × × ×

ଆଣ୍ଟି : ଆରେ ପୁଅ, ନେ ଟଙ୍କା ଚକୋଲେଟ୍ କିଣିକି ଖାଇଦେବୁ ।

ଚିଣ୍ଟୁ ଆପଣ ଆଣ୍ଟି ଚକୋଲେଟ୍ ସବୁବେଳେ ଆଣନ୍ତୁ, ମୋତେ ଟଙ୍କା ଦିଅନ୍ତୁ ନାହିଁ ।

ଆଣ୍ଟି : କାହିଁକି ?

ଚିଣ୍ଟୁ : ଆପଣ ଟଙ୍କା ଦେଇ ଗଲା ପରେ ମା' ମୋ ଠାରୁ ଟଙ୍କା ନେଇ ତା' ପାଖରେ ରଖୁ ଦେଉଛି, ମୋତେ ଦେଉନି ।

× × × ×

ପୁଅ : ମ୍ୟାଚ୍‌ବାଲା ଚ୍ୟାନେଲ୍ ଲଗାଅ ବାପା ।

ବାପା : ନ ଲଗାଇଲେ କ'ଣ ହେବ କହ ?

ପୁଅ : ଦେଖିଦେବି ।

ବାପା : କ'ଣ ଦେଖିଦେବୁ ?

ପୁଅ : ଯେଉଁ ଚ୍ୟାନେଲ୍ ତୁମେ ଲଗାଇଲ ତାକୁ ଦେଖିଦେବି ।



× × × ×

ଝିଅଟିଏ ବହି ଦୋକାନକୁ ଯାଇ କହିଲା - ଭାଇ ମୋତେ ଗୋଟେ କପି ଦିଅ ।

ଦୋକାନୀ : ନିଅ ।

ଝିଅ : ଏଥିରେ କେତେ ପେଜ୍ ଅଛି ?

ଦୋକାନୀ : ୧୦୦ ପେଜ୍ ।

ଝିଅ : ମୋତେ ତ ଲାଗୁନି ?

ଦୋକାନୀ : ଏଇ ଦେଖ, ଏପଟ ସେପଟ ଗଣିବ ନା ଖାଲି ଗୋଟେ ସାଇଡ୍ ଗଣିଲେ କେମିତି ହେବ ।

ଝିଅ : କେତେ ଟଙ୍କା ।

ଦୋକାନୀ : ୨୦ଟଙ୍କା ।

ଝିଅ : ୧୦ଟଙ୍କା ଦେଇ କହିଲା ଭାଇ ନିଅ ଟଙ୍କା । ଏମିତି କ'ଣ ଗଣା ହୁଏ କି ଆଗରେ ୧୦ ପଛରେ ୧୦ ମିଶାଇଲେ ହୋଇଗଲା ୨୦ଟଙ୍କା ।

× × × ×

ମିଣ୍ଟୁ ବାବୁ : କ୍ଷୀର ଆଣିବାକୁ ସକାଳେ ଗୋପାଳ ନିକଟକୁ ଗଲେ । ସେଠାରେ ଥିବା କ୍ଷୀରବାଲା ମିଣ୍ଟୁ ବାବୁକୁ ଦେଖି କହିଲେ – ତୁମକୁ କେଉଁଠି ଦେଖିଲା ପରି ମନେ ହେଉଛି ! ମିଣ୍ଟୁ ବ୍ୟାଙ୍କରେ ଦେଖିଥିବ ।

ଗୋପାଳ : ହଁ ହଁ ମନେପଡିଗଲା ତୁମେ ସେ ବ୍ୟାଙ୍କରେ କାମ କର ନା, ଯାଅ ଯାଅ ଏବେ କ୍ଷୀର ମିଳିବନି ।

ମଣ୍ଟୁବାବୁ : କାହିଁକି କ୍ଷୀର ମିଳିବନି ?

ଗୋପାଳ : ଏବେ ଆମ ଗାଈର ସର୍ଭର ଡାଉନ୍ ଅଛି ପଛରେ ଆସିବ ?

## ମହୁମାଛିମାନଙ୍କର ରୋଚକ ସଂସାର

ମହୁମାଛି ବିଶ୍ୱର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଓ ରୋଚକ ଜୀବମାନଙ୍କ ମଧରୁ ଅନ୍ୟତମ ଏବଂ ପ୍ରକୃତି ପର୍ଯ୍ୟାବରଣର ସଂରକ୍ଷଣରେ ଏହାର ଉଲ୍ଲେଖନୀୟ ଯୋଗଦାନ ରହିଛି । ଏହା ସହିତ ମନୁଷ୍ୟ ଜାତି ସହିତ ମହୁମାଛିର ଆରମ୍ଭରୁ ହିଁ ଗଭୀର ସମ୍ବନ୍ଧ ରହିଛି । ଏହା ଏକ ଉପଯୋଗୀ ଓ ପ୍ରେରକ କୀଟ । ଏଠାରେ ଜାଣିବା ଦରକାର ଯେ ମହୁମାଛି ମାନେ ଦୁଇ ପ୍ରକାର ର ହୋଇଥାନ୍ତି, ପାଳିତ ଓ ଜଙ୍ଗଲୀ । ପାଳିତ ମହୁମାଛିମାନେ ମଧ ଦୁଇ ପ୍ରକାରର ହୋଇଥାନ୍ତି, ଏସିଆ ମୂଳର ହେଉଛନ୍ତି ଏପିସ ସିରାନା ଇଣ୍ଡିକା, ଯେଉଁମାନଙ୍କୁ ଦେଶୀ ମହୁମାଛି କୁହାଯାଏ ଏବଂ ଦ୍ୱିତୀୟ ପ୍ରକାର ହେଉଛନ୍ତି ଇଟାଲି ଆନ ଏପିସ ମେଲିଫେରା, ଯେଉଁମାନେ ମୁଖ୍ୟତଃ ବିଦେଶୀ ମୂଳର ହୋଇଥାନ୍ତି ।

ଜଙ୍ଗଲ ବର୍ଗରେ ପାହାଡ଼ା ମହୁମାଛି ଏପିସ ଡୋରସାଟା ଓ ଛୋଟ ମହୁମାଛି ଏପିସ ଫ୍ଲୋରିୟା ଅନ୍ତର୍ଭୁକ୍ତ । ଏମାନଙ୍କୁ କିଛିଟା ପାଳିତ କରାଯାଇ ପାରେ, କିନ୍ତୁ ଏମାନଙ୍କର ଫେଣା ଗୋଟିଏ ପରସ୍ତର ହୋଇଥାଏ, ଯେଉଁଥିରୁ ଅଳ୍ପ ଟିକିଏ ମହୁ ବାହାରେ । ଏମାନଙ୍କ ଅତିରିକ୍ତ ବମ୍ଭଲ–ବି ମଧ ଅନ୍ୟ ଏକ ଜଙ୍ଗଲୀ ପ୍ରଜାତି । ଭାରତୀୟ ମହୁମାଛିମାନେ ସ୍ୱଭାବରେ ନମ୍ର ଓ ପାଳନୀୟ ପ୍ରବୃତ୍ତିର ହୋଇଥାନ୍ତି । ଏମାନେ ଅନ୍ଧାରୁଆ ସ୍ଥାନରେ ସମାନାନ୍ତର ଫେଣାଗୁଡ଼ିକର ନିର୍ମାଣ କରିଥାନ୍ତି । ଏମାନଙ୍କ ଫେଣା ଘରର ଠଣା, ଚିମିନି, ଗଛ, କୋରଡ଼, ଜୀର୍ଣ୍ଣପ୍ରାସାଦର ଖାଲି ସ୍ଥାନ ତଥା ଗୁମ୍ଫାଗୁଡ଼ିକର ଛାତରେ ଦେଖିବାକୁ ମିଳେ । ଏମାନଙ୍କର ଗୋଟିଏ ଛାତରୁ ପ୍ରତିବର୍ଷ ପ୍ରାୟ ୮ ରୁ ୧୦ କିଲୋ ମହୁ ବାହାରିଥାଏ । ଗୋଟିଏ ମହୁମାଛି ପ୍ରାୟ ୩ କିଲୋମିଟର ପରିଧି ମଧରୁ ପରାଗରେଣୁ ଏକତ୍ର କରିଥାଏ । ଜାଣି ରଖିବା ଦରକାର ଯେ ଏକ ଚାମଚ ମହୁ ୧୨ଟି ମହୁମାଛିଙ୍କ ଜୀବନ ଯାକର ଅକ୍ଲାନ୍ତ ଶ୍ରମର ପରିଣାମ ହୋଇଥାଏ । ଗୋଟିଏ ମହୁମାଛିର ମୋଟ ଜୀବନ ମାତ୍ର ୪୫ ଦିନର ହୋଇଥାଏ ଏବଂ ଏକ କିଲୋ ମହୁ ତିଆରି କରିବା ପାଇଁ ପୂରା ଫେଣାକୁ ପ୍ରାୟ ୪୦୦୦୦୦୦ ଫୁଲର ରସ ଶୋଷିବାକୁ ପଡ଼ିଥାଏ ଏବଂ ୯୦୦୦୦ ମାଇଲ ଦଉଡ଼ିବାକୁ ପଡ଼ିଥାଏ । ମହୁମାଛିଙ୍କର ଗୋଟିଏ କଲୋନୀରେ ୫୦ ରୁ ୬୦ ହଜାର ମହୁମାଛି ରହିଥାନ୍ତି, ଯେଉଁମାନଙ୍କ ମଧରେ ଏକ ରାଣୀ ମହୁମାଛି ଥାଏ । ମହୁ ବାହାର କରିବା ପାଇଁ ଥରକରେ ୫୦ ରୁ ୧୦୦ଟି ଫୁଲ ଉପରେ ଉଡ଼ି ରସ ବାହାର କରିବାକୁ ପଡ଼ିଥାଏ । ଗୋଟିଏ ମହୁମାଛି ନିଜର ସଂପୂର୍ଣ୍ଣ ଜୀବନ କାଳରେ ଏକ ଚାମଚର ୧୨ ଭାଗରୁ ଏକ ଭାଗ ମହୁ ପ୍ରସ୍ତୁତ କରିଥାଏ ।

ମହୁମାଛିମାନଙ୍କ ଫେଣାରେ ମୁଖ୍ୟତଃ ୩ ପ୍ରକାର ସଦସ୍ୟ ରହିଥାନ୍ତି– ଶ୍ରମିକ, ନର ବା ଶ୍ରମକାତର (ଡ୍ରନ) ଓ ରାଣୀ । ଶ୍ରମିକ ହିଁ ଫୁଲଗୁଡ଼ିକରୁ ମହୁ ଏକତ୍ର କରିବାର କାମ କରିଥାଏ । ନର କୌଣସି କାର୍ଯ୍ୟ କରେ ନାହିଁ, ତା'ର କାର୍ଯ୍ୟ ହେଲା କେବଳ ପ୍ରଜନନରେ ସହଯୋଗ କରିବା । ରାଣୀର କାର୍ଯ୍ୟ କେବଳ ପ୍ରଜନନ କରିବା । ଥର କରେ ସେ ୨୦୦୦ ଅଣ୍ଡା ଦେଇପାରେ । ଯେତେବେଳେ ପରାଗରେଣୁ ଅଧିକ ରହିଥାଏ ତ ଅଧିକ ଅଣ୍ଡା ଦେଇଥାଏ ଏବଂ ଯେତେବେଳେ ଏହା କମ୍ ରହେ ତ କମ୍ ଅଣ୍ଡା ଦେଇଥାଏ । ଶ୍ରମିକର ଆୟୁ ପ୍ରାୟ ଛଅ ସପ୍ତାହ ହୋଇଥାଏ, କିନ୍ତୁ ରାଣୀ ମହୁମାଛିର ଆୟୁ ୩ ବର୍ଷ ହୋଇଥାଏ । ନର ବା ଶ୍ରମକାତର ପ୍ରଜନନ ପରେ ମରିଯାଏ ।

ଯେତେବେଳେ ମହୁମାଛିଙ୍କ ସଂଖ୍ୟା ବଢ଼ିଯାଏ ତ ଏମାନେ ନୂତନ ସମୂହ ତିଆରି କରନ୍ତି ଏବଂ ନୂତନ ଫେଣା ନିର୍ମାଣ କରନ୍ତି । ସିରାନାର କଲୋନୀରେ ପ୍ରାୟ ୨୦,୦୦୦ ପର୍ଯ୍ୟନ୍ତ ମହୁମାଛି ରହିଥାନ୍ତି । ଯେତେବେଳେ ବସନ୍ତ ଋତୁରେ ପୁଷ୍ପଗୁଡ଼ିକର ଶୋଭା ଛାଇ ଯାଇଥାଏ, ବ୍ରୁଡ୍ ଅର୍ଥାତ୍ ଛୋଟ ଛୁଆମାନଙ୍କ ପାଇଁ ଆହାର ବହୁଳ ଭାବେ ଉପଲବ୍ଧ ହୋଇଥାଏ, ତ ସେହି ସମୟରେ ଭାଗ ବଣ୍ଟା ଯାଇଥାଏ । ଏହିପରି ଠିକ୍ ଫୁଲ ଫୁଟିବା ସମୟରେ ହିଁ ଭାଗବଣ୍ଟା ହୋଇଥାଏ, ଏଥରେ ଆଗ-ପଛ ହୁଏ ନାହିଁ । ମହୁମାଛିମାନେ ଥଣ୍ଡା ପ୍ରତି ସମ୍ବେଦନଶୀଳ ରହନ୍ତି । ଯଦ୍ୟପି ପାହାଡ଼ୀ ମହୁମାଛିମାନେ ପର୍ଯ୍ୟାପ୍ତ ଥଣ୍ଡାକୁ ସହି ନେଇଥାନ୍ତି ଏବଂ ଥଣ୍ଡାରେ ମଧ ସକ୍ରିୟ ରହିଥାନ୍ତି, କିନ୍ତୁ ଇଟାଲିଆନ ମହୁମାଛିମାନେ ଅଧିକ ଥଣ୍ଡା ସହି ପାରନ୍ତି ନାହିଁ । ମହୁ ଔଷଧୀୟ ଗୁଣଗୁଡ଼ିକରେ ପରିପୂର୍ଣ୍ଣ ରହିଥାଏ, ଯେଉଁଥିରେ କୌଣସି ଗଛର ଔଷଧୀୟ ଗୁଣ ବିଦ୍ୟମାନ ଥାଏ । ମହୁର କେତେକ ସହ-ଉତ୍ପାଦକ ମଧ ଅଛି, ଯାହା ଏହାକୁ ବିଶିଷ୍ଟ କରିଥାଏ । ରୟାଲ ଜେଲି, ପ୍ରୋପୋଲିସ, ମହମ ଏହାର ମୁଖ୍ୟ ଉତ୍ପାଦ, ଯାହା ମଧରୁ ରୟାଲ ଜେଲିକୁ ପୌଷ୍ଟିକତା ଦୃଷ୍ଟିରୁ ବହୁ ମୂଲ୍ୟବାନ୍ ବୋଲି ଗ୍ରହଣ କରାଯାଏ । ରାଣୀ ମହୁମାଛିର ଏହା ମୁଖ୍ୟ ଆହାର ହୋଇଥାଏ । ଏହା ସହିତ ବି-ଭେନମ୍ ଅର୍ଥାତ୍ ମହୁମାଛିର ବିଷ ମଧ ବହୁ ମୂଲ୍ୟବାନ୍ ହୋଇଥାଏ । ଆଜିକାଲି ପରାଗରେଣୁକୁ ମଧ ଏକତ୍ର କରାଯାଉଛି, ଯାହାକୁ ଉଚ୍ଚ ପ୍ରୋଟିନଯୁକ୍ତ ଉତ୍ପାଦ ବୋଲି ସ୍ୱୀକାର କରାଯାଉଛି ଏବଂ ଏହା ଔଷଧୀୟ ଗୁଣରେ ପରିପୂର୍ଣ୍ଣ ରହିଥାଏ । ଏହାକୁ ସଂଗୃହୀତ କରି ଥଣ୍ଡା ଦିନରେ ମହୁମାଛିମାନଙ୍କୁ ଆହାର ରୂପେ ଦିଆଯାଏ ।

ମହୁମାଛିମାନେ ପ୍ରକୃତି – ପର୍ଯ୍ୟାବରଣ ଚକ୍ରର ମୁଖ୍ୟ ଘଟକ ଅଟନ୍ତି ଏବଂ ଏମାନେ ପଲିନେସନ ଅର୍ଥାତ୍ ପରାଗଣ ପ୍ରକ୍ରିୟାରେ କେନ୍ଦ୍ରୀୟ ଭୂମିକା ନିଭାଇ ଥାଆନ୍ତି । ଏମାନଙ୍କ ବିନା ବୃକ୍ଷ –ବନସ୍ପତି ଏବଂ ଜୈବ ବିବିଧତାର କଳ୍ପନା ମଧ କରାଯାଇ ପାରିବ ନାହିଁ । ମହୁ ତିଆରି କରିବା ପାଇଁ ଯେଉଁ ପରାଗରେଣୁର ଆବଶ୍ୟକତା ଥାଏ, ସେଥିପାଇଁ ମହୁମାଛିମାନେ ଫୁଲଗୁଡ଼ିକ ଉପରେ ଉଡ଼ି ବୁଲନ୍ତି, ଏହି ପ୍ରକ୍ରିୟାରେ ଏମାନଙ୍କ ଗୋଡ଼ରେ ପରାଗରେଣୁ ଲାଖିଯାଏ ଏବଂ ଯେବେ ଏହି ମହୁମାଛିମାନେ ଅନ୍ୟ ଫୁଲଗୁଡ଼ିକ ଉପରେ ବସନ୍ତି, ତ ଏମାନଙ୍କ ଗୋଡ଼ରେ ଲାଗିଥିବା ପରାଗରେଣୁ ଅନ୍ୟ ଫୁଲଗୁଡ଼ିକରେ ପଡ଼ି ପରାଗଣର କାରଣ ହୋଇଥାନ୍ତି, ଯଦ୍ୱାରା ଫୁଲରୁ ଫଳ ହେବାର ମାର୍ଗ ପ୍ରଶସ୍ତ ହୋଇଥାଏ ।

# ଜହ୍ନିର ଉପକାରିତା

ଅସରପା ଗୋଟେ ଚଢ଼େଇ, ଜହ୍ନି ଗୋଟେ ପରିବା । ଅନେକ ସମୟରେ ଜହ୍ନିକୁ ନେଇ ଏମିତି ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳେ । ତେବେ ବି 'ଜହ୍ନି ଫୁଲ ଠୋ ଠା, କାକୁଡି ଫୁଲ ଠୋ ଠା' ପରି ଶିଶୁଗୀତ ଜହ୍ନି ଯେ ଆମ ହାତପାଆନ୍ତାରେ ମିଳୁଥିବା ଏକ ପରିବା ଏହା ମନେ ପକାଇ ଦିଏ । ଘରବାଡିରେ କାକୁଡି, ଜହ୍ନି, କଲରା ମଦାଏ ମଦାଏ ଲଗାଇ ଦେବାର ଅଭ୍ୟାସ ଏବେ ବି ଗୃହିଣୀ ମାନଙ୍କର ରହିଛି । ହୁଏତ ଏହାର ଔଷଧୀୟ ଗୁଣ ସମ୍ପର୍କରେ ଅନେକ ଆଦୌ ସଚେତନ ନ ଥିବେ ମାତ୍ର ହାଣ୍ଡିଶାଳରେ ଏହାର ଆଦର କ'ଣ କମ୍ କି ? ଭାରତ, ପାକିସ୍ଥାନ, ଇଣ୍ଡୋନେସିଆ, ଚାଇନା ଏବଂ ଫିଲିପାଇନ୍ସରେ ଏହା ପ୍ରଚୁର ମାତ୍ରାରେ ଚାଷ ହୋଇଥାଏ ।

ଆପଣ ନିଜର ଓଜନ କମାଇବାକୁ ଚାହୁଁଥିଲେ ଖାଦ୍ୟରେ ଜହ୍ନିକୁ ନିଶ୍ଚିତ ସାମିଲ୍ କରନ୍ତୁ । ଜହ୍ନି ଖାଇବା ଦ୍ୱାରା ଚର୍ବି ତଥା କୋଲେଷ୍ଟେରଲର ବିପଦ ଟଳିଯାଏ ।

ଜହ୍ନି ସହଜରେ ହଜମ ହୋଇଥାଏ । ତେଣୁ ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ ସେମାନଙ୍କୁ ଜହ୍ନି ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଜହ୍ନି ଖାଇବା ଦ୍ୱାରା ଯକୃତରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଯକୃତକୁ ସୁସ୍ଥ ରଖେ । ଅର୍ଶ ରୋଗର ଆରୋଗ୍ୟ ମଧ କରେ ।

ଏଥିରେ ତନ୍ତୁ ଏବଂ ଜଳର ମାତ୍ରା ଅଧିକ ଥିବାରୁ କୋଷ୍ଠକାଠିନ୍ୟ ତଥା ତଦ୍‌ଜନିତ ସମସ୍ୟା ଆଦିରୁ ମୁକ୍ତି ପାଇବା ପାଇଁ ଜହ୍ନି ଖାଇବା ଦରକାର । କେବଳ ସେତିକି ନୁହେଁ ଏହା ବିଭିନ୍ନ ଉଦର ରୋଗ ଏବଂ ସଂକ୍ରମଣକୁ ମଧ ଦୂର କରିଥାଏ ।

କିଙ୍କ୍, ଆଇରନ୍, ରିବୋଫ୍ଲାବିନ୍, ମ୍ୟାଗ୍ନେସିୟମ୍, ଥିୟାମିନ୍ ପରି ଶରୀର ପାଇଁ ଆବଶ୍ୟକ ତତ୍ତ୍ୱ ଏଥିରୁ ମିଳିଥାଏ । ଏଥିରେ ଥିବା ବିଟା କ୍ୟାରୋଟିନ୍ ଆଖି ପାଇଁ ବେଶ୍ ଉପକାରୀ । ଏହା ଦୃଷ୍ଟିଶକ୍ତି ବଢ଼ାଇବା ସହ ଆଖିକୁ ସୁସ୍ଥ ରଖେ ।

ଜହ୍ନି ରକ୍ତଶୋଧକ ଭାବେ କାର୍ଯ୍ୟ



କରେ । ରକ୍ତ ଅପରିଷ୍କାର କାରଣରୁ ମୁହଁରେ ଦେଖାଯାଉଥିବା ବ୍ରଣ ଆଦି ଦୂର କରେ ।

ଜହ୍ନିର ଜୁସ୍ ପିଇବା ଦ୍ୱାରା ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇ ଥାଏ । ଏହାଦ୍ୱାରା ବିଭିନ୍ନ ରୋଗଠାରୁ ନିଜକୁ ଦୂରେଇ ରଖାଯାଇ ପାରେ । ଏସିଡିଟି ଏବଂ ଅଲସର ପରି ସମସ୍ୟାଠାରୁ ମଧ ଏହା ଦୂରେଇ ରଖେ ।

କାମଳ ରୋଗୀମାନେ ଏହାର ଜୁସ୍ ପିଇବା ଦ୍ୱାରା ଏବଂ ଜହ୍ନି ଖାଇବା ଦ୍ୱାରା ଆରୋଗ୍ୟ ଲାଭ କରିଥାନ୍ତି । ମଦ୍ୟପାନ କାରଣରୁ ଯକୃତରେ ସମସ୍ୟା ଦେଖା ଦେଇଥିଲେ ଜହ୍ନି ଖାଇବାଦ୍ୱାରା ଯକୃତ ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରି ଆସେ ।

ଜହ୍ନି ଖାଇବା ଦ୍ୱାରା ମୂତ୍ର ଏବଂ ରକ୍ତରୁ ଶର୍କରାର ସ୍ତର ହ୍ରାସ ଘଟିଥାଏ । ରକ୍ତରେ ଇନ୍‌ସୁଲିନ୍ ସ୍ତରକୁ ମଧ ନିୟନ୍ତ୍ରିତ ରଖିଥାଏ । ତେଣୁ ମଧୁମେହ ରୋଗୀମାନେ ଜହ୍ନି ଖାଇବା ଦରକାର ।

ଏହା ଥଣ୍ଡା ରୋଗକୁ ଦୂର କରେ । ପରିଶ୍ରାପୋଡ଼ା ଯନ୍ତ୍ରଣାର ଏହା ଉପଶମ କରେ । ମୃତ ଚର୍ମକୋଷକୁ ହଟାଇ ଚର୍ମରେ ଚମକ ଆଣେ । କେଶ ଝଡିବା ଏବଂ ଦାନ୍ତକୁ ସୁସ୍ଥ ରଖିବାରେ ଜହ୍ନି ସାହାଯ୍ୟ କରେ । ଟାଇପ୍-୨ ମଧୁମେହ ରୋଗୀ ଏହି ପରିବାଟି ନିହାତି ଖାଇବା ଦରକାର ।

## ଉପକାରୀ କଖାରୁ ଶାଗ



ବାଡିବଗିଚାରେ ଏଠିସେଠି ଉଠିଥିବା କଖାରୁ ଗଛର ପତ୍ର ଏତେ ପୁଷ୍ଟିକର ଯେ, ବିଶ୍ୱାସ କରିହେବନି । ଏଥିରେ କୋଲେଷ୍ଟେରଲ ସ୍ତର ଖୁବ୍ କମ୍ । କ୍ୟାଲସିୟମ୍ ସହିତ ପ୍ରୋଟିନ୍, ଭିଟାମିନ୍ ଏ, ସି, ଥାୟାମିନ୍, ରାଇବୋଫ୍ଲେବିନ୍, ନିଆସିନ୍, ଲୌହ, ମାଗ୍ନେସିୟମ୍, ଫସଫରସ୍, ପଟାସିୟମ୍, କପର ଏବଂ ମାଙ୍ଗାନିଜ ଆଦିରେ ଭରପୂର କଖାରୁ ପତ୍ର । ୧ କପ୍ ବା ୩୯ ଗ୍ରାମ କଖାରୁ ପତ୍ରରୁ ୭ କ୍ୟାଲୋରୀ ମିଳିଥାଏ । କଖାରୁ ପତ୍ରରେ ହାଇପୋଲିପଡେମିକ୍ ପ୍ରଭାବ ଥିବାରୁ ଏହା ହାଇପର କୋଲେଷ୍ଟୋଲେମିଆ ବା ଉଚ୍ଚ କୋଲେଷ୍ଟେରଲ କମାଇବାରେ ସହାୟକ । ଏହା ମଧ ଟେଷ୍ଟିକୁଲାର କ୍ଷତ ପୂରଣ କରି ସ୍ପର୍ମାଟୋଜେନେସିସ୍ ଦ୍ୱାରା ପ୍ରଜନନ କ୍ଷମତା ବଢ଼ାଇଥାଏ । ପ୍ରଚୁର ଲୌହସାର ଥିବାରୁ ଆନେମିଆର ଉପଶମରେ ଲାଭଦାୟକ । ସୁଗାର ହ୍ରାସକାରୀ ପ୍ରଭାବ ଥିବାରୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ ଖୁବ୍ ଭଲ । ଏଥି ସହିତ ଲିଭର ବା ଯକୃତକୁ ସୁରକ୍ଷା ଦିଏ । କଖାରୁ ପତ୍ରର ଆଣ୍ଟିବ୍ୟାକ୍ଟେରିଆଲ ପ୍ରଭାବ ରହିଛି । ଶରୀରରେ ରକ୍ତ ପରିମାଣ ତଥା ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ।

## ଆପଣ ଜାଣନ୍ତି କି ?

- ସମୁଦ୍ରର ଗଭୀରତା ମାପିବା ପାଇଁ ପାଥୋମିଟର ନାମକ ଯନ୍ତ୍ର ବ୍ୟବହାର କରାଯାଏ ।
- ଭାରତର ପ୍ରଥମ ମୁସଲମାନ ରାଷ୍ଟ୍ରପତି ଥିଲେ ଡକ୍ଟର ଜାକିର ହୁସେନ୍ ।
- ଜଳକୁ ବିଶୁଦ୍ଧ କରିବା ପାଇଁ ଫିଟିକିରିର ବ୍ୟବହାର କରାଯାଏ ।
- କାରାକାସ୍ ହେଉଛି ଭେନେଜୁଏଲା ଦେଶର ରାଜଧାନୀ ।



- ଭେନେଜୁଏଲା ମୁଦ୍ରାର ନାମ ହେଉଛି ଭେନେଜୁଏଲାନ୍ ବୋଲିଭାର ।
- ଭାଟ୍ ପ୍ରଥମ କରି ଫ୍ରାନ୍ସରେ ଲାଗୁ କରାଯାଇଥିଲା ।
- ବ୍ଲଡ ପ୍ରେସର ବା ରକ୍ତଚାପ ମାପିବା ପାଇଁ ସ୍ଫାଇଗୋମୋମାନୋମିଟର ବ୍ୟବହାର କରାଯାଏ ।
- ସାରା ଭାରତରେ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ ସଂଖ୍ୟା ୯ ।
- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ ସଂଖ୍ୟାକମାନବ ସମ୍ବଳ ହରାଇଥିବା ଦେଶ ହେଉଛି ଜାପାନ ।
- ଲଣ୍ଡନରେ ଥିବା ବ୍ରିଟିଶ୍ ମ୍ୟୁଜିୟମ୍ ହେଉଛି ପୃଥିବୀର ସବୁଠାରୁ ବଡ଼ ମ୍ୟୁଜିୟମ୍ ।
- ଭାରତରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଏଟିଏମ୍ ରହିଛି ।
- ଗୋଟିଏ ଏଟିଏମରୁ ୩ ଟି କ୍ୟାସେଟ୍ (ଟଙ୍କା ଥାଳି) ଥାଏ । ଏଥିରେ ୧୦୦, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଭରାଯାଏ ।

## ଖରାରେ ଭଲ ତରଭୁଜର

ତରଭୁଜରେ ଭିଟାମିନ୍ ସି ଏବଂ ଭିଟାମିନ୍ ଏ ବହୁ ମାତ୍ରାରେ ଥାଏ । ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ । ଭିଟାମିନ୍ ଏ ଆଖିର ସ୍ୱଚ୍ଛତା ପାଇଁ ଜରୁରୀ ଅଟେ ।

ତରଭୁଜ ଓ ତା' ଭିତରେ ଥିବା ମଞ୍ଜିଗୁଡିକ ଦୁର୍ବଳ ଶରୀରକୁ ସତେଜ ରଖିଥାଏ । ତରଭୁଜ ଖାଇବା ପରେ ସେଥିରୁ ଯେଉଁ ମଞ୍ଜି ବାହାରେ ତାକୁ ଧୋଇ ଶୁଖେଇବା ପରେ ସେହି ମଞ୍ଜିକୁ ଆପଣ ଖାଇ ପାରିବେ ।



ଖାଦ୍ୟ ହଜମ ହେବା ଓ ଭୋକ ଲାଗିବାରେ ସମସ୍ୟା ଥିଲେ ତଥା ରକ୍ତର ମାତ୍ରା କମ୍ ଥିଲେ ସେଥିପାଇଁ ତରଭୁଜର ଆବଶ୍ୟକତା ରହିଛି । ବଡ଼ ତରଭୁଜରେ ଗୋଟିଏ ଛୋଟ ଛିଦ୍ର କରି ଏକ ଗ୍ରାମ୍ ଚିନି ଭରି ଦିଅନ୍ତୁ । ପାଣି ସେହି ତରଭୁଜକୁ ଖରାରେ ଅଥବା ରାତିରେ ଚନ୍ଦ୍ର କିରଣରେ ରଖନ୍ତୁ । ଏହାପରେ ଭିତରେ ଥିବା ପାଣିକୁ କାଢ଼ି ଛାଣି ଦିଅନ୍ତୁ । ଛଣା ହୋଇଥିବା ପାଣିକୁ ସଫା କାଚ ବୋତଲରେ ଭରି ଦିଅନ୍ତୁ । ସେହି ପାଣିକୁ ଦିନକୁ ଚାରିକପ୍ କରି ଦୁଇ ବା ତିନି ଥର ପିଇଲେ ଉପରୋକ୍ତ ଅସୁବିଧାରୁ ମୁକ୍ତି ମିଳିପାରେ ।

ତରଭୁଜ ଖାଇବା ଦ୍ୱାରା ଯଦି ଖଟା ହାକୁଟି ହେଉଛି, ତା'ହେଲେ ସେଥିରେ ସାଦା ଲୁଣ ବା କଳା ଲୁଣ ପକେଇ ଖାଇବା ଉଚିତ । ଏମିତି ଖାଇଲେ ହାକୁଟି ହେବନାହିଁ ।

ମୁହଁରେ ବ୍ରଣ କିମ୍ବା କଳା ଦାଗ ହୋଇଥିଲେ ସେଥିରେ ତରଭୁଜକୁ କାଟି କିଛି ସମୟ ଘଷନ୍ତୁ । ଏକ ମିନିଟ୍ ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଲାଭ ମିଳିବ ନିଶ୍ଚୟ ।

ତରଭୁଜ ଖାଇବା ସମୟରେ ଗୋଟିଏ କଥାପ୍ରତି ଧ୍ୟାନ ଦିଅନ୍ତୁ, ଏହାକୁ ଖାଇବାର ଏକ ଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବେ ନାହିଁ । ନଚେତ୍ ଲାଭ ବଦଳରେ କ୍ଷତି ହେବ । ଯେତେ ସମ୍ଭବ ତରଭୁଜକୁ ତାଜା ଥିବା ସମୟରେ ଖାଆନ୍ତୁ । କଟା ତରଭୁଜକୁ ବେଶି ସମୟ ରଖି ଖାଇଲେ ଏହା ଶରୀର ପକ୍ଷେ କ୍ଷତିକାରକ ହୋଇପାରେ ।

## ଗୋଲମରିଚର ଔଷଧୀୟ ଗୁଣ

ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଗୋଲମରିଚ ନିଜ ବ୍ୟଞ୍ଜନରେ ସାମିଲ କରିବା ସହ ପାନୀୟରେ ମଧ ଏହା ମିଶ୍ରଣ କରିବା ଲାଭଜନକ । ଏହା ଶରୀରରେ ବିଭିନ୍ନ ଉତ୍ତମ ପ୍ରଭାବ ପକାଇଥାଏ । ଦୈନିକ ସକାଳବେଳା ୧ ଗିଲାସ



ନଖଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ଅଧ ଚାମଚ ମିଶାଇ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଗୋଲମରିଚ ମିଶା ଚା' ପିଇଲେ ପେଟସଫା ହେବା ସହ ସର୍ଦ୍ଦିରୁ ରକ୍ଷା ମିଳେ । ମେଦହ୍ରାସ କରିବାକୁ ଚାହୁଁଥିଲେ ପ୍ରତ୍ୟହ ଏହି ଗୋଲମରିଚ ମିଶା ପାଣି କିମ୍ବା ଚା' ସେବନ କରିବା ଲାଭଦାୟକ । ଗୋଲମରିଚ ଆବଶ୍ୟକ ପରିମାଣରେ ପ୍ରତ୍ୟହ ଖାଇଲେ ଶରୀରକୁ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ମିଳେ ।

ଏହି ଗୁଣ୍ଡ ମିଶ୍ରିତ ଚା' ପିଇଲେ ଶୀଘ୍ର ଥକ୍କା ଲାଗେ ନାହିଁ ବୋଲି ପରୀକ୍ଷାରୁ ପ୍ରକାଶିତ ।

ବିଭିନ୍ନ ବ୍ୟଞ୍ଜନରେ ମଧ ଏହି ଗୋଲମରିଚର ଉପଯୋଗ କରିହେବ । ଏହା ଦ୍ୱାରା ଖାଦ୍ୟ ହଜମ ଭଲ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

## କହିପାରିବେ କି ?

(୧) ବିଦ୍ୟୁତ ଶକ୍ତି କିଏ ଉଦ୍ଭାବନ କରିଥିଲେ ?
(୨) ଲୋହିତ ଗ୍ରହ କାହାକୁ କହନ୍ତି ?
(୩) ସବୁଠାରୁ ଡେଙ୍ଗା ପ୍ରାଣୀ କିଏ ?
(୪) ଶରୀରର ସବୁଠାରୁ ସ୍ପର୍ଶକାତର ଅଙ୍ଗ କେଉଁଟି ?
(୫) ଉଦିତ ସୂର୍ଯ୍ୟର ଦେଶ କାହାକୁ କହନ୍ତି ?
(୬) ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମିଳିତ ସ୍ୱରୂପକୁ କ'ଣ କୁହାଯାଏ ?
(୭) ଶିବ ତାଙ୍କର ଜଟାରେ କାହାକୁ ଧାରଣ କରିଛନ୍ତି ?
(୮) ଦଶାନନ କାହାର ଭକ୍ତ ଥିଲେ ?
(୯) ମହାତ୍ମା ବୁଦ୍ଧ ତାଙ୍କର ପ୍ରଥମ ଧର୍ମୋପଦେଶ କେଉଁଠାରେ ଦେଇଥିଲେ ?
(୧୦) ଶ୍ରୀବିଷ୍ଣୁ କାହା ଉପରେ ଶୟନ କରିଛନ୍ତି ?

### JUMBLE WORDS

| | | | |
|---|---|---|---|
| 1) RNIDG | = | 6) UTLNEN | = |
| 2) SCOREC | = | 7) ILOOER | = |
| 3) NTYMIU | = | 8) VIWEA | = |
| 4) NKLIB | = | 9) DLOYD | = |
| 5) TOODU | = | 10) NHIYNNW | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୧୦୦୦, ୨. ଚିତା ବାଘ, ୩. ପରସିଆ ୪. କ୍ଲୋରିନ୍, ୫. ବ୍ରାଜିଲ, ୬. ପୋଲିସ, ୭. ଭିଟାମିନ୍-ଏ, ୮. ୪ଟି, ୯. ରାକେ ଫୋରସ, ୧୦. ୨୩ ଜୁନ୍ ୧୯୮୦ ।

***Jumble Words* ର ଉତ୍ତର :-**

(1) UNSOLD (2) ICING (3) SADLY (4) VOYAGE (5) APPEAL (6) QUEEN (7) SASSY (8) MUMBLE (9) REVOLT (10) OFTEN.

## ପୂର୍ବତନ ବିଧାୟକ ମହମ୍ମଦ ରଫିକଙ୍କ ପରଲୋକ

ସୋହେଲା : ବରଗଡ଼ ଜିଲ୍ଲା ସୋହେଲା ନିବାସୀ ପୂର୍ବତନ ବିଧାୟକ ମହମ୍ମଦ ରଫିକଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହେଉଥିଲା । ସେ ରକ୍ତଚାପ ଓ ମଧୁମେହ ରୋଗରେ ପୀଡ଼ିତ ଥିଲେ । ଦୁଇ ଦିନ ପୂର୍ବରୁ ଅସୁସ୍ଥ ଅନୁଭବ କରିବାରୁ ବରଗଡର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି ।

ରଫିକ୍ ୧୯୯୫ରେ ସକ୍ରିୟ ରାଜନୀତିରେ ଯୋଗଦେଇ ବିଜେପି ଦଳ ପକ୍ଷରୁ ମେଲଛାମୁଣ୍ଡା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ି ୧୮୪୦୨ ଭୋଟ ପାଇ ତୃତୀୟ ସ୍ଥାନ ହାସଲ କରିଥିଲେ । ପରେ ସେ ୨୦୦୪ ମସିହାରେ ପୁଣି ଥରେ ବିଜେପି ପକ୍ଷରୁ ମେଲଛାମୁଣ୍ଡା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇ ପ୍ରାକ୍ତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କୁ ପରାଜିତ କରି ମେଲଛାମୁଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ହୋଇଥିଲେ । ସେ ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସଭାପତି ଥିଲେ । ୨୦୦୯ ମସିହାରେ ସେ ବିଜେପୁର ନିର୍ବାଚନ ମଣ୍ଡଳୀରୁ ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ହିସାବରେ ନାମାଙ୍କନ ପତ୍ର ଦାଖଲ କରି ୧୯୪୯୩ ଭୋଟ ପାଇ ତୃତୀୟ ସ୍ଥାନ



ଅଧିକାର କରିଥିଲେ । ଜଣେ ସରଳ, ଧର୍ମ ପରାୟଣ ତଥା ଲୋକପ୍ରିୟ ନେତା ଥିଲେ ରଫିକ । ସୋହେଲା ଦୁର୍ଗାପୂଜା କମିଟି ଉପ ସଭାପତି ଭାବରେ ଦୀର୍ଘ ଦିନ ରହି କାର୍ଯ୍ୟ ତୁଲାଇ ଆସୁଥିଲେ । ସେ ମୁସଲମାନ ସମ୍ପ୍ରଦାୟର ହେଲେ ମଧ୍ୟ ମା' ଦୁର୍ଗାଙ୍କ ଅନନ୍ୟ ଭକ୍ତ ଥିଲେ । ଯୁବାବସ୍ଥାରେ ଜଣେ ଭଲ ଫୁଟବଲ ଖେଳାଳି ଭାବେ ମଧ୍ୟ ବେଶ ପରିଚିତ ଥିଲେ । ଖବର ପାଇ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ବିଧାୟକ ନିହାର ମହାନନ୍ଦ, ଜିଲ୍ଲା ସଭାପତି ଅରୂପା ସାହୁ, ଉପସଭାପତି ଗୁନାରୁ ସାହୁ ଓ ସୋହେଲା ମଣ୍ଡଳ ପ୍ରଭାରୀ ଅଶ୍ୱିନୀ ପାତ୍ର, ତହସିଲଦାର ଶୁଭରଞ୍ଜନ ନାୟକ, ବ୍ଲକ ଅଧକ୍ଷ ବବି ପଧାନ, ବିଜେଡି ନେତା ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ତାଙ୍କ ବାସ ଭବନ ଯାଇ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭାଜପା ପକ୍ଷରୁ ଦଳୀୟ ପତାକା ଓ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ସୋହେଲା ଗୌରୀ ଦେବୀ ଟ୍ରଷ୍ଟ, ସୋହେଲା ଗାଡ଼ି ମାଲିକ ସଂଘ, ସୋହେଲା ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ ସଂଘ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରି ଶେଷ ଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ ତଥା ବିଧାୟକ ଇରାଶିଷ ଆଚାର୍ଯ୍ୟ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ, ପୂର୍ବତନ ସାଂସଦ, ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ମହମ୍ମଦ ରଫିକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ସମାଜସେବୀ ସବ୍ୟସାଚୀ ମିଶ୍ରଙ୍କ ପରଲୋକ

ସମ୍ବଲପୁର : ସହରର ଜଣାଶୁଣା ସମାଜସେବୀ ତଥା ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ସକ୍ରିୟ ସଦସ୍ୟ ସବ୍ୟସାଚୀ ମିଶ୍ର (୫୭)ଙ୍କ ପରଲୋକ ହୋଇ ଯାଇଛି । ନନ୍ଦପଡ଼ା କମିଟିର ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରିବା କିଛି ସମୟ ପୂର୍ବରୁ ସ୍ୱର୍ଗତ ମିଶ୍ର ଓ ଅନ୍ୟ ସଦସ୍ୟ ମାନେ ମାତା ପାର୍ବତୀଙ୍କୁ ମନ୍ଦିରରୁ ଆଣି ମୁଖ୍ୟ ମେଢ଼ ରଥରେ ସ୍ଥାପିତ କରିଥିଲେ । ଏହାର କିଛି ସମୟ ପରେ ସେ ଅସୁସ୍ଥ ଅନୁଭବ କରିବା ସହ ଅଚେତ ହୋଇ ପଡ଼ି ଯାଇଥିଲେ । ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଭାରତୀୟ ଜୀବନ ବୀମା ନିଗମରେ କାର୍ଯ୍ୟରତ ସ୍ୱର୍ଗତ ମିଶ୍ର ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି, ଓଡ଼ିଶା ସାଂସ୍କୃତିକ ସମାଜ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ସେ ସମ୍ବଲପୁରୀ ଭାଷା ଆନ୍ଦୋଳନର ଅନ୍ୟତମ ପ୍ରମୁଖ ଲଢୁଆ ସଦସ୍ୟ ଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

ଶ୍ରୀ ମିଶ୍ରଙ୍କ ବିୟୋଗରେ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରାକମିଟି, ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ଶୋକସଭାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସବ୍ୟସାଚୀ ଥିଲେ ଜଣେ ନିଃ ସ୍ୱାର୍ଥପର ସମାଜସେବୀ, ମିଷ୍ଟଭାଷୀ, ମେଳାପୀ, ସରଳ ଓ ପରୋପକାରୀ ବ୍ୟକ୍ତିତ୍ୱର ଅଧିକାରୀ, ତାଙ୍କ ଭଳି ଜଣେ ପ୍ରକୃତ ସମ୍ବଲପୁରିଆ ମିଳିବା କଷ୍ଟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଜୀବନ 'ପରୋପକାରାୟ ସର୍ଗୀୟ ମନ୍ତ୍ରରେ ନିଜକୁ ଦୀକ୍ଷିତ କରି ଶେଷରେ ପ୍ରଭୁଙ୍କ କାର୍ଯ୍ୟରେ ନିଜକୁ ଉତ୍ସର୍ଗୀକୃତ କରି ତାଙ୍କ ଭିତରେ ଲୀନ ହୋଇଗଲେ ବୋଲି ଅତିଥିମାନେ ଭାବବିହ୍ୱଳ ହୋଇ କହିଥିଲେ ।

## ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପରିବେଶ ଦିବସ ପାଳିତ




ସମ୍ବଲପୁର : ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏଥିରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ସଞ୍ଜତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ପରିବେଶ ସୁରକ୍ଷା ସମିତି ଆବାହକ ଦିଲ୍ଲୀପ କୁମାର ବଘାର ପରିବେଶ ସଚେତନତା ବିଷୟରେ କହିଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ତରଭାର ବିଶିଷ୍ଟ ପରିବେଶପ୍ରେମୀ ଗିରିଧାରୀ ଭୋଇଙ୍କୁ 'ପରିବେଶ ସମ୍ମାନ - ୨୦୨୫' ପ୍ରଦାନ କରାଯାଇଥିଲା । ଏହାଛଡ଼ା ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଉପସଭାପତି ପ୍ରଶାନ୍ତ କୁମାର ପାଟଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଏମ୍‌ୟୁକୁ ନାକ୍ ଦେଲା ବି-ପ୍ଲସ୍ ପ୍ଲସ ଗ୍ରେଡ୍

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ନାକ୍ ପକ୍ଷରୁ ବି-ପ୍ଲସ୍ ପ୍ଲସ୍ ଗ୍ରେଡ୍ ଦିଆଯାଇଛି । ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ




ଶୈକ୍ଷିକ ବ୍ୟବସ୍ଥାକୁ ନେଇ ନାକ୍ ୨.୮୭ ସ୍କୋର ମିଳିଛି । ୨୦୧୫ ମସିହାରେ ରାଜ୍ୟ ସରକାର ଗଙ୍ଗାଧର ମେହେର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପରେ ପ୍ରଥମ ଥର ଏହି ଗ୍ରେଡ୍ ମିଳିଛି ।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ପତ୍ନୀ ବିୟୋଗ

ବରଗଡ : ବିରୋଧୀ ଦଳ ଉପନେତା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟ (୬୮)ଙ୍କ ହୃଦ୍‌ଘାତରେ ପରଲୋକ ହୋଇ ଯାଇଛି । ମୃତ୍ୟୁ



ପରେ ପରିବାରର ଲୋକେ ତାଙ୍କର ଚକ୍ଷୁଦାନ କରିଥିଲେ । ସ୍ୱର୍ଗତ ଚାରୁଶୀଳାଙ୍କ ଶେଷକୃତ୍ୟ ବରଗଡ଼ ଜୀରା ନଦୀ ସ୍ୱର୍ଗଦ୍ୱାରରେ ହୋଇଥିଲା । ତାଙ୍କ ଦୁଇ ଝିଅ ଲୋପାମୁଦ୍ରା ଓ ମୋନାଲିସା ତଥା ପୁତ୍ର ରାଜନ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ରୀତା ସାହୁ, ଅତାବିରା ବିଧାୟକ ନିହାର ମହାନନ୍ଦ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ବ୍ରଜମୋହନ ପଣ୍ଡାଙ୍କ ଜୟନ୍ତୀ ପାଳିତ

ବରଗଡ଼ : ବିଶିଷ୍ଟ ଶିକ୍ଷାବିତ୍ ବ୍ରଜମୋହନ ପଣ୍ଡାଙ୍କର ଜୟନ୍ତୀ ତାଙ୍କ ଜନ୍ମସ୍ଥାନ ଅତାବିରା ବ୍ଲକ ଲରମ୍ବାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ




ପାଳିତ ହୋଇଯାଇଛି । ଲରମ୍ବା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସର ସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରି ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜ ଅଧକ୍ଷ ଡକ୍ଟର ପ୍ରମୋଦ ଭୋଇ, ଲରମ୍ବା ଉଚ୍ଚବିଦ୍ୟାଳୟର ଶିକ୍ଷକ ବିନୟ ନାଏକ, ଅଶ୍ୱିନୀ ପ୍ରଧାନ, ପ୍ରଦୀପ ପଣ୍ଡା, ପବିତ୍ର ମାହାଣା, ସୁଶୀଲ ମହାକୁର, ସରୋଜ ନାୟକ, ସିଦ୍ଧେଶ୍ୱର ପ୍ରଧାନ, ଶିଶିର ସାହୁ, ଡକ୍ଟର ଅଜିତ ନାଥ, ସୁମନ୍ତ ପାଣିଗ୍ରାହୀ, ସଞ୍ଜୟ ଭୋଇ, ସୁବ୍ରତ ପଣ୍ଡା, ଲିଙ୍ଗରାଜ ପୋଢ଼, ଭରତ ପଣ୍ଡା, ବିଦେଶୀ ଛନ୍ଦ, ତାରାଚାନ୍ଦ କଣ୍ଟା, ମହେନ୍ଦ୍ର ସିନ୍ଧୁରିଆ ପ୍ରମୁଖ ଯୋଗଦେଇ ଥିଲେ ।

ସେହିପରି ବ୍ରଜମୋହନ ପଣ୍ଡା ସ୍ମୃତିକମିଟି ପକ୍ଷରୁ ସମ୍ବଲପୁରର ପବ୍ଲିକ ଲାଇବ୍ରେରୀରେ ଆୟୋଜିତ ବ୍ରଜମୋହନ ପଣ୍ଡା ଜୟନ୍ତୀ ସଭାରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସୱାଲ ମୁଖ୍ୟଅତିଥି ଓ ଅଧ୍ୟାପକ ପ୍ରଦୀପ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଯଦୁନନ୍ଦନ ପଣ୍ଡାଙ୍କ ରଚିତ କବିତା ପୁସ୍ତକ 'କବିତାଞ୍ଜଳି' ଉନ୍ମୋଚିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଶିକ୍ଷାର ବିକାଶରେ ବ୍ରଜମୋହନଙ୍କ ଯୋଗଦାନ ଅତୁଳନୀୟ ବୋଲି କହି ତାଙ୍କ କାର୍ଯ୍ୟାବଳୀର ଦୃଷ୍ଟାନ୍ତ ଓଡ଼ିଶାରେ ଆଉ ନାହିଁ ବୋଲି ଦୃଢ଼ତାର ସହ କହିଥିଲେ । ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ରଘୁନାଥ ମିଶ୍ର ଧନ୍ୟବାଦ ଦେଇଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଭାରତର ବିପର୍ଯ୍ୟୟ ବିପଦ ହ୍ରାସ ପାଣ୍ଠି ଯୋଗାଣ ବ୍ୟବସ୍ଥା ବିଶ୍ୱର ସର୍ବବୃହତ ଜାତୀୟ ଅଗ୍ରଣୀ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ : ପ୍ରମୋଦ କୁମାର ମିଶ୍ର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଜେନେଭାରେ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) ପାଣ୍ଠି ଯୋଗାଣ ଉପରେ ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଉଦ୍‌ବୋଧନ ଦେଇଛନ୍ତି । ଏହି ଅବସରରେ ଜି-୨୦ ଅଧ୍ୟକ୍ଷତା ଜରିଆରେ ବୈଶ୍ୱିକ ଆଲୋଚନା ଜାରି ରଖିବାରେ ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାର ଯୋଗଦାନକୁ ମଧ୍ୟ ଭାରତ ସ୍ୱୀକୃତି ଦେଇଥିଲା ।

ଡକ୍ଟର ମିଶ୍ର ରେଖାଙ୍କିତ କରି କହିଥିଲେ ଯେ, ଡିଆରଆର ପାଣ୍ଠି ଯୋଗାଣ ଏକ ଗୌଣ ପ୍ରସଙ୍ଗ ନୁହେଁ, ବରଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରଭାବୀ କାର୍ଯ୍ୟକାରିତା ଏବଂ ଜଳବାୟୁ ଓ ବିପର୍ଯ୍ୟୟ ଜନିତ ବିପଦ ବୃଦ୍ଧି ପାଉଥିବା ସ୍ଥିତିରେ ବିକାଶ ଲାଭର ସୁରକ୍ଷା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ଏକ ସୁଦୃଢ଼ ଏବଂ ଉତ୍ତରଦାୟୀ ଡିଆରଆର ଆର୍ଥିକ ଢାଞ୍ଚାକୁ ବ୍ୟବସାୟିକ ସୁଗମତାର ଆଧାର ରୂପେ ଭାରତ ବିଶ୍ୱାସ କରିଥାଏ ବୋଲି ସେ ଦୃଢ଼ତାର ସହ କହିଥିଲେ । ଡିଆରଆର ଆର୍ଥିକ ସହାୟତା କ୍ଷେତ୍ରରେ ଭାରତର ଯାତ୍ରା ଉପରେ ଆଲୋକପାତ କରି ଡକ୍ଟର ମିଶ୍ର କହିଥିଲେ ଯେ, ପ୍ରାରମ୍ଭିକ ଅର୍ଥ



ଆୟୋଗଙ୍କ ଦ୍ୱାରା ପ୍ରାରମ୍ଭିକ ଆବଣ୍ଟନ ୬୦ ନିୟୁତ ଟଙ୍କା (ପାଖାପାଖି ୦.୭ ନିୟୁତ ଆମେରିକୀୟ ଡଲାର) ଥିଲା । ଆଜି, ପଞ୍ଚଦଶ ଅର୍ଥ ଆୟୋଗ ଅଧିନରେ ସର୍ବମୋଟ ବ୍ୟୟ ଅଟକଳ ୨.୩୨ ଲକ୍ଷ କୋଟି ଟଙ୍କା (ପ୍ରାୟ ୨୮ ବିଲିୟନ ଆମେରିକୀୟ ଡଲାର) ରୁ ଅଧିକ ହୋଇଛି । ବିପର୍ଯ୍ୟୟ ପରିଚାଳନା ଅଧିନିୟମ ୨୦୦୫ ଦ୍ୱାରା ସମର୍ଥିତ ଜାତୀୟ ସ୍ତରରୁ ରାଜ୍ୟ ଏବଂ ଜିଲ୍ଲା ସ୍ତରକୁ ପ୍ରବାହିତ ପୂର୍ବ ନିର୍ଦ୍ଧାରିତ, ନିୟମ ଆଧାରିତ ଆବଣ୍ଟନ ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଏହି ପରିବର୍ତ୍ତନ ଦ୍ୱାରା ବିପର୍ଯ୍ୟୟ ହ୍ରାସ ପାଣ୍ଠି ଯୋଗାଣ ପ୍ରତିକ୍ରିୟାଶୀଳ ହେବା ପରିବର୍ତ୍ତେ ଢାଞ୍ଚାଗତ ଏବଂ ପୂର୍ବାନୁମାନଯୋଗ୍ୟ ହେବା ସୁନିଶ୍ଚିତ ହୋଇଛି ।

ଚାରୋଟି ପ୍ରମୁଖ ସିଦ୍ଧାନ୍ତ ଉପରେ ନିର୍ମିତ ଭାରତର ଡିଆରଆର ଆର୍ଥିକ ଆଭିମୁଖ୍ୟ ଉପରେ ଆଲୋକପାତ କରି ଶ୍ରୀ ମିଶ୍ର କହିଛନ୍ତି ଯେ, ପ୍ରଥମଟି ହେଉଛି ପ୍ରସ୍ତୁତି, ପ୍ରଶମନ, ରିଲିଫ ଏବଂ ପୁନରୁଦ୍ଧାର ପାଇଁ ଉତ୍ସର୍ଗୀକୃତ ଆର୍ଥିକ ମାର୍ଗ । ଦ୍ୱିତୀୟତଃ, ପ୍ରଭାବିତ ଲୋକ ଏବଂ ଦୁର୍ବଳ ସମ୍ପ୍ରଦାୟର ଆବଶ୍ୟକତାକୁ ପ୍ରାଥମିକତା ଦେବା । ତୃତୀୟତଃ, ସରକାରଙ୍କ ସମସ୍ତ ସ୍ତରରେ-କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ସ୍ତରରେ ଆର୍ଥିକ ସମ୍ବଳର ଉପଲବ୍ଧତା । ଚତୁର୍ଥ ସିଦ୍ଧାନ୍ତ ହେଉଛି ଉତ୍ତର ଦାୟିତ୍ୱ, ସ୍ୱଚ୍ଛତା ଏବଂ ସମସ୍ତ ଖର୍ଚ୍ଚକୁ ମାର୍ଗଦର୍ଶନ କରୁଥିବା ମାପନୀୟ ଫଳାଫଳ ।

ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ ଯେ, ବିପର୍ଯ୍ୟୟ କିପରି ପାଣ୍ଠି ଯୋଗାଣ ଜାତୀୟ ମାଲିକାନାରେ ରହିବା ଓ ପରିଚାଳିତ ଉଚିତ ଏବଂ ଅନ୍ତର୍ଜାତୀୟ ସହଯୋଗ ଦ୍ୱାରା ପରିପୂରକ ହେବା ଉଚିତ । ପ୍ରତ୍ୟେକ ଦେଶକୁ ନିଜର ଶାସନ ଢାଞ୍ଚା, ଆର୍ଥିକ ସନ୍ଦର୍ଭ ଏବଂ ବିପଦର ରୂପରେଖ ସହିତ ନିଜ ବ୍ୟବସ୍ଥାକୁ ଖାପ ଖୁଆଇବା ଆବଶ୍ୟକତା ରହିଛି । ସେ କହିଥିଲେ ଯେ, ବୈଶ୍ୱିକ ମାନଦଣ୍ଡ ଏବଂ ମାର୍ଗଦର୍ଶନ ଅପରିହାର୍ଯ୍ୟ । ସାର୍ବଜନୀନ ଅର୍ଥବ୍ୟବସ୍ଥା ବ୍ୟତୀତ ବିବିଧ ଆର୍ଥିକ ଉପକରଣର ଆବଶ୍ୟକତାକୁ ସ୍ୱୀକାର କରି ସେ କହିଥିଲେ ଯେ, ସ୍ଥାନୀୟ ଶକ୍ତି ଏବଂ ଆର୍ଥିକ ସ୍ଥିରତା ସହିତ ସମନ୍ୱୟ ରକ୍ଷା କରି ରିସ୍କ ପୁଲିଂ, ବୀମା ଏବଂ ଅଭିନବ ଆର୍ଥିକ ଉପକରଣ ଭଳି ବ୍ୟବସ୍ଥାର ବିକାଶ କରାଯିବା ଉଚିତ । ଡକ୍ଟର ମିଶ୍ର ବିଶ୍ୱ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ଚିହ୍ନଟ କରିଥିଲେ ଏବଂ ତାହା ହେଉଛି ଡିଆରଆର ଆର୍ଥିକ ବ୍ୟବସ୍ଥାର ପ୍ରତିଷ୍ଠା ଏବଂ ସୁଦୃଢ଼ୀକରଣକୁ ସମର୍ଥନ କରିବା ପାଇଁ ଏକ ଉତ୍ସର୍ଗୀକୃତ ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥାର ଅନୁପସ୍ଥିତି । ଏଥିପାଇଁ ସହାୟକ ପାଣ୍ଠି ଯୋଗାଣ, ବୈଷୟିକ ସହାୟତା ଓ ଜ୍ଞାନ ବିନିମୟ ପାଇଁ ଏକ ମଞ୍ଚ ପ୍ରଦାନ କରିବା ଲାଗି ସେ ମିଳିତ ଜାତିସଂଘର ବ୍ୟବସ୍ଥା ଏବଂ ବହୁପକ୍ଷୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ସମର୍ଥିତ ଏକ ବିଶ୍ୱସ୍ତରୀୟ ସୁବିଧା ସୃଷ୍ଟି କରିବା ଲାଗି ଆହ୍ୱାନ କରିଥିଲେ ।



## ସବୁଜ ସମ୍ବଲପୁର ମିଶନର ଶୁଭାରମ୍ଭ

ସମ୍ବଲପୁର : ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆରମ୍ଭ ହୋଇଛି ସବୁଜ ସମ୍ବଲପୁର ମିଶନ । ଜୁନ ୫ ରୁ ଅଗଷ୍ଟ ୩୧ ମଧ୍ୟରେ ମହାନଗର ଅଞ୍ଚଳରେ ଏର ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜାମପାଲି ସ୍ଥିତ ନର୍ସରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ ହୋଇଛି । ଏଥିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ଡିଏଫ୍‌ଓ କଳିଙ୍ଗ ଗୋରାଖ ଓ୍ୱାମନ୍‌ଙ୍କ ସହ ବହୁ ପ୍ରାଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର କହିଛନ୍ତି, ଚଳିତ ବର୍ଷର ଥିମ୍ 'ପ୍ଲାଷ୍ଟିକ୍ ପ୍ରଦୂଷଣ ଅନ୍ତ' ଉପରେ ସମସ୍ତଙ୍କ ଧ୍ୟାନ ରହିବା ଆବଶ୍ୟକ । ପ୍ରଥମେ ନିଜକୁ ଯଥା ସମ୍ଭବ ପ୍ଲାଷ୍ଟିକ ବ୍ୟବହାରକୁ କମେଇବାକୁ ପଡ଼ିବ । ଫଳରେ ପରିବେଶ ପ୍ରଦୂଷଣ କମେଇବା ଉପରେ କିଛି ପ୍ରଭାବ ପଡ଼ିପାରିବ । 'ମା'ଙ୍କ ନାମରେ ଗୋଟିଏ ଗଛ ଯାହା ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା । ଏହି ବୃହତ ଚାରାରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଥିଲେ । ପରିବେଶ ସୁରକ୍ଷା କରିବା ଓ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏଥିରେ ପ୍ରାୟ ଏକ ଲକ୍ଷ ଚାରା ଲଗାଯିବ । ପ୍ରତ୍ୟେକ ଗୋଟିଏ ଲେଖାଏଁ ଚାରା ଲଗାଇ ଏହାର ଯତ୍ନ ନିଅନ୍ତୁ । ବିନା ମୂଲ୍ୟରେ ପ୍ରଶାସନ ପକ୍ଷରୁ ଚାରା ବଣ୍ଟନ କରାଯିବ ।



## ଏମ୍.ସି.ଏଲ୍.ରେ ବିଶ୍ୱ ପରିବେଶ ଦିବସ ପାଳିତ







ବୁର୍ଲା: ଏମସିଏଲରେ ବିଶ୍ୱ ପରିବେଶ ଦିବସ ୨୦୨୫ ପାଳିତ ହୋଇଛି । ଏହି ଅବସରରେ ଏକ ପେଡ୍ ମା କେ ନାମ ୨.୦' ଅଭିଯାନ ଆରମ୍ଭ ହୋଇଛି । କମ୍ପାନୀର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ ଚାରାରୋପଣ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଦିବସ ଅବସରରେ ସପ୍ତାହ ବ୍ୟାପୀ ଆୟୋଜିତ ଚିତ୍ରକଳା, କୁଇଜ୍ ଇତ୍ୟାଦି ପ୍ରତିଯୋଗିତାରେ ଏମ୍‌ସିଏଲ୍‌ର କର୍ମଚାରୀ, ପରିବାର ସଦସ୍ୟ, ନିକଟସ୍ଥ ଗ୍ରାମବାସୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ । ଚଳିତବର୍ଷର ବାର୍ତ୍ତା 'ଏକ ରାଷ୍ଟ୍ର, ଏକ ମିଶନ: ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ଏବଂ ମିଶନ ଲାଇଫ' ବିଷୟବସ୍ତୁ ଉପରେ ସ୍ୱଚ୍ଛତା ଅଭିଯାନ, ଓ୍ୱେବିନାର, ପଥପ୍ରାନ୍ତ ନାଟକ ଏବଂ ସାଇକେଲ ର୍‍ୟାଲି ଭଳି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇ ବିଜେତାମାନଙ୍କୁ ପୁରସ୍କାର ଦିଆ ଯାଇଥିଲା । କମ୍ପାନୀ ସିଏସଆର ଅଧୀନରେ ଢେଙ୍କାନାଳ ଏବଂ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ମଧ ସ୍ୱାକ୍ଷର କରିଛି । ପ୍ରାୟ ୧୮ କୋଟି ମୂଲ୍ୟର ପ୍ରାକୃତିକ ଜଳ ଉତ୍ସର ପୁନରୁଦ୍ଧାର, ଭୂତଳଜଳ ପୁନଃ ଚାର୍ଜ ଏବଂ ଇକୋ ପାର୍କ ବିକାଶ ଉପରେ କାର୍ଯ୍ୟ କରିବ । ଏକ ପେଡ୍ ମା କେ ନାମ ୨,୦' ଅଭିଯାନରେ, ଏମସିଏଲ ଦେଢ ଲକ୍ଷ ଚାରା ରୋପଣ ଏବଂ ବଣ୍ଟନ କରିବ ।

ଏହି ଅଭିଯାନରେ ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ ପଟେଲ, ନିର୍ଦ୍ଦେଶକ - ବୈଷୟିକ/ ସଞ୍ଚାଳନ ଜେ.କେ ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ ବେହୁରା ଏବଂ ନିର୍ଦ୍ଦେଶକ ବୈଷୟିକ/ ପ୍ରକଳ୍ପ ଏବଂ ଯୋଜନା ସଞ୍ଜୟ ଝା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।










Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra